# ଅନୁମୋଦିତ ୪୫୧ ଡାକ୍ତରଙ୍କ ମଧ୍ୟରୁ ୨୯୨ ପଦବୀ ଖାଲି

## ରାୟଗଡ଼ା ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ରାୟଗଡ଼ା,୨୫।୬(ଆଶିଷ ରଞ୍ଜନ ପଣ୍ଡା)

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇ ଲୋକଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇବା ପାଇଁ ରହିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ମାତ୍ର ଡାକ୍ତର ନ ଥିବାରୁ ଗ୍ରାମାଞ୍ଚଳବାସୀଙ୍କ ପାଇଁ ଏହି ସେବା ଅପହଞ୍ଚ ହୋଇଛି। ରାୟଗଡ଼ା ଜିଲାରେ ୨୯୨ଟି ଅନୁମୋଦିତ ଡାକ୍ତର ପଦ ଖାଲି ପଡିଛି। ଜିଲାରେ ଏଭଳି କିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ସେଠାରେ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ସେଠାକୁ ଯାଉ ନ ଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଜିଲାର ୧୧ଟି ବ୍ଲକ୍‌ରେ ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହା ଅଧୀନରେ ୩୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଥିରୁ କାଶୀପୁର ସିଏଚ୍‌ସି ଅଧୀନରେ ୬ଟି, ପଦ୍ମପୁର ଅଧୀନରେ ୪ଟି, ବିଷମକଟକ ଅଧୀନରେ ୪ଟି, ମୁନିଗୁଡ଼ା ଅଧୀନରେ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଛି। ସେହିଭଳି ରାୟଗଡ଼ା ବ୍ଲକ୍ ଜେମାଦେଇପେଣ୍ଠ ସିଏଚ୍‌ସି ଅଧୀନରେ ୫ଟି, ରାମନାଗୁଡ଼ା ଅଧୀନରେ ୨ଟି, କୋଲନରା ଅଧୀନରେ ୩ଟି, କଲ୍ୟାଣସିଂହପୁର ଅଧୀନରେ ୩ଟି, ଗୁଣପୁର ବ୍ଲକ ଜଗନ୍ନାଥପୁର ସିଏଚ୍‌ସି ଅଧୀନରେ ୨ଟି, ଗୁଡ଼ାରି ଅଧୀନରେ ୨ଟି ଏବଂ ଚନ୍ଦ୍ରପୁର ଅଧୀନରେ ୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତେବେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ ସାମାନ୍ୟ ସ୍ୱାସ୍ଥ୍ୟସେବା ଲୋକେ ପାଇପାରୁନାହାନ୍ତି। ଫଳରେ ଅଧିକ ଖର୍ଚ୍ଚାନ୍ତ ହୋଇ ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ସ୍ଥାନକୁ ଯାଇ ଚିକିତ୍ସିତ ହେଉଛନ୍ତି।

ଜେମାଦେଇପେଣ୍ଠ ସିଏଚ୍‌ସି ଅଧୀନରେ ରହିଥିବା କେରେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ସେଠାରେ କୌଣସି ଡାକ୍ତରଙ୍କୁ ଦେଖିବାକୁ ମିଳୁନାହିଁ। ସେଠାରେ କୌଣସି ଡାକ୍ତର ନିଯୁକ୍ତି ହୋଇଥିବା ଅଞ୍ଚଳବାସୀ ଜାଣିନାହାନ୍ତି। ଚିକିତ୍ସା ପାଇଁ ଗ୍ରାମବାସୀ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ଜେମାଦେଇପେଣ୍ଠ ସିଏଚ୍‌ସି ଅଧୀନରେ ଖିଲମିସଗୁଡ଼ାଠାରେ ଆରମ୍ଭ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାତ୍ର ଗୋଟିଏ ଦିନ ଚାଲି ବନ୍ଦ ହୋଇଯାଇଥିଲା। ନାଗାବଳୀ ନଦୀ ଆରପାରିରେ ରହିଥିବା ଏହି ଗ୍ରାମକୁ ଯିବା ପାଇଁ ପୋଲ ନ ଥିବାରୁ ଏହାକୁ ଅକାମୀ ଦେଖାଇ ଖିଲମିସଗୁଡ଼ା ଓ ଏହାର ଆଖପାଖ ଗ୍ରାମକୁ ସ୍ୱାସ୍ଥ୍ୟସେବା ପାଇଁ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଯୋଡାଯାଇଛି। ତେବେ ଜେମାଦେଇପେଣ୍ଠ ଅଧୀନ ଜାଙ୍ଗଲୀ ପିଏଚ୍‌ସିରେ ଜଣେ, କୁମ୍ଭିକୋଟାରେ ଜଣେ ଏବଂ ମାଲିଗାଁରେ ଜଣେ ଡାକ୍ତର ନିଯୁକ୍ତି ପାଇଛନ୍ତି। ଖିଲମିସଗୁଡା ପିଏଚ୍‌ସିରେ ନିଯୁକ୍ତ ଡାକ୍ତରଙ୍କୁ କୁମ୍ଭିକୋଟା ପିଏଚ୍‌ସିର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କାଶୀପୁର ବ୍ଲକ ସଦର ମହକୁମାରେ ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ପାଇଁ ୧୯ଟି ପଦବୀ ରହିଥିବା ବେଳେ ମାତ୍ର ୫ ଜଣ ଡାକ୍ତର ସେଠାରେ ନିଯୁକ୍ତି ପାଇଛନ୍ତି। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ହେଲେ ଭେଷଜ, ଶିଶୁରୋଗ, ଅସ୍ତ୍ରୋପଚାର ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ନାହାନ୍ତି। ସେହିଭଳି ଏହା ଅଧୀନରେ ସୁଙ୍ଗେର, ଡଙ୍ଗାସିଲ, କୁଚେଇପଦର ଓ ଗୋରଖପୁର, ମାଣ୍ଡିବିସି ଏବଂ ଟିକିରିଠାରେ ଜଣେ ଲେଖାଏ ଡାକ୍ତର ରହିଛନ୍ତି। ପିଏଚ୍‌ସିରେ ଡାକ୍ତର ରହିଥିଲେ ମଧ୍ୟ ପ୍ରାୟ ସମୟ ଡାକ୍ତର ଅନୁପସ୍ଥିତ ରହୁଥିବାରୁ ଲୋକେ ଚିକିତ୍ସା ପାଇଁ କାଶୀପୁର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ରାୟଗଡ଼ାକୁ ଆସୁଥିବା ଦେଖିବାକୁ ମିଳୁଛି। ମାଣ୍ଡିବିସିରେ ନିଯୁକ୍ତ ହୋଇଥିବା ଡାକ୍ତର ନେତ୍ରାନନ୍ଦ ନାୟକ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନ କରାଯାଇଛି। ଫଳରେ ମାଣ୍ଡିବିସିରେ ଡାକ୍ତର ନଥିବା କାରଣରୁ ସାଧାରଣ ଜ୍ୱର ହେଲେ ମଧ୍ୟ ଲୋକେ କାଶୀପୁର କିମ୍ବା ରାୟଗଡା ଉପରେ ନିର୍ଭର କରନ୍ତି। ସେହିଭଳି ରାୟଗଡ଼ା ବ୍ଲକର ଜେମାଦେଇପେଣ୍ଠ ସିଏଚସି ଉପରେ ଆଖପାଖ ଅଞ୍ଚଳର ବହୁ ପଞ୍ଚାୟତ ନିର୍ଭର କରୁଥିବା ବେଳେ ସେଠାରେ ଅନୁମୋଦିତ ୧୫ ଜଣଙ୍କ ମଧ୍ୟରୁ ୬ ଜଣ ଡାକ୍ତର ଅଛନ୍ତି। ତେବେ ସମସ୍ତେ ପିଜି କୋର୍ସ ପାଇଁ ଯାଇଥିବା ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିଭଳି ଗୁଣପୁର ବ୍ଲକ୍ ଜଗନ୍ନାଥପୁର ସିଏଚ୍‌ସି ଅଧୀନରେ ରହିଥିବା ଡମ୍ବସରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର ନିଯୁକ୍ତି ପାଇଛନ୍ତି। ଅପରପକ୍ଷରେ ଜଗନ୍ନାଥପୁର ସିଏଚ୍‌ସିରେ ଜଣେ ଅଧୀକ୍ଷକଙ୍କ ସହ ୫ ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି । ଗୁଡ଼ାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଥିବା ୨ ପିଏଚ୍‌ସି ସହିତ ୫ ଜଣ ଡାକ୍ତର ରହିଥିବା ବେଳେ ଜଣେ ହେଲେ ବିଶେଷଜ୍ଞ ନାହାନ୍ତି। ସେହିଭଳି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଜଣେ ଭେଷଜ ବିଶେଷଜ୍ଞ ରହିଥିବା ବେଳେ ଅନ୍ୟ କୌଣସି ବିଶେଷଜ୍ଞ ନାହାନ୍ତି। ଏହା ଅଧୀନ ୪ଟି ପିଏଚ୍‌ସିରେ ଜଣେ ଲେଖାଏ ଡାକ୍ତର ରହିଛନ୍ତି। ବିଷମକଟକ ସିଏଚ୍‌ସି ଅଧୀନରେ ମାତ୍ର ୨ ଜଣ ଡାକ୍ତର ରହିଛନ୍ତି। ଏହା ଅଧୀନରେ ଥିବା ୪ଟି ପିଏଚ୍‌ସିରେ ଜଣେ ଲେଖାଏ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ଖମ୍ପେସି ପିଏଚ୍‌ସିର ଡାକ୍ତରଙ୍କୁ ବିଷମକଟକ ସିଏଚ୍‌ସିକୁ ଡେପୁଟେଶନରେ ପଠାଯାଇଛି। ବିଷମକଟକ ବ୍ଲକ୍ ଅନ୍ତର୍ଗତ ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ସମ୍ପ୍ରଦାୟ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗ କହୁଥିବା ବେଳେ ଏହା ଅଧୀନ ଖମ୍ପେସି ପିଏଚ୍‌ସି ଡାକ୍ତରଙ୍କୁ କେଉଁ କାରଣରୁ ଅନ୍ୟତ୍ର ଡେପୁଟେଶନ କରାଯାଇଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡାକ୍ତର ନ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର ନିଯୁକ୍ତି ଲାଗି ସାଧାରଣରେ ଦାବି ହେଉଛି।

ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଖାଲି ପଡିଥିବା ଅନୁମୋଦିତ ଡାକ୍ତର ପଦବୀ ସମ୍ପର୍କରେ ସିଡିଏମ୍‌ଓ ଲାଲ ମୋହାନ ରାଉତରାଙ୍କୁ ପଚାରିବାରୁ ସେ କହିଲେ, ଜିଲାରେ ଆବଶ୍ୟକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତର ଯୋଗାଇ ଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ଡାକ୍ତର ନିଯୁକ୍ତି ହେଲେ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯିବ।

# ଶପଥ ନେଲେ ଏମ୍‌ପି ସପ୍ତଗିରି ଉଲ୍ଲାକା

## ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା, ରାୟଗଡ଼ା ରେଳ ଡିଭିଜନ, ଏୟାରପୋର୍ଟ, ମେଡିକାଲ କଲେଜ ମୁଖ୍ୟ ଦାବି

ରାୟଗଡ଼ା,୨୫।୬(ଆଶିଷ ରଞ୍ଜନ ପଣ୍ଡା)



ଓଡ଼ିଶାର ଏକମାତ୍ର କଂଗ୍ରେସ ଏମ୍‌ପି ଭାବେ କୋରାପୁଟ ଲୋକ ସଭା କ୍ଷେତ୍ରରୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବା ଏମ୍‌ପି ସପ୍ତଗିରି ଉଲ୍ଲାକା ମଙ୍ଗଳବାର ସଂସଦ ଭବନରେ ଶପଥ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ କୋରାପୁଟ ଲୋକ ସଭା କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ମୂଳ ଲକ୍ଷ୍ୟ ବୋଲି ଏମ୍‌ପି ସପ୍ତଗିରି କହିଛନ୍ତି। ରାୟଗଡ଼ାରେ ମେଡିକାଲ କଲେଜ ସ୍ଥାପନ, ଝୋଡ଼ିଆ ସମ୍ପ୍ରଦାୟଙ୍କୁ ଆଦିବାସୀ ମାନ୍ୟତା, ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟକ୍ଷମ ଏବଂ ରାୟଗଡ଼ାରେ ଏକ ଏୟାରପୋର୍ଟ ନିର୍ମାଣ ମୁଖ୍ୟ ଦାବି ରହିବ ବୋଲି ସେ କହିଛନ୍ତି। କୋରାପୁଟ ଲୋକ ସଭା କ୍ଷେତ୍ରରେ କିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ ହୋଇପାରିବ ଏବଂ ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ସମେତ ଅନ୍ୟ ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ଏହା ସହିତ ଆଗାମୀ ୫ ବର୍ଷ ମଧ୍ୟରେ କୋରାପୁଟ ଲୋକ ସଭା କ୍ଷେତ୍ରର ସମସ୍ତ ଦୁର୍ଗମ ଅଞ୍ଚଳକୁ ମୋବାଇଲ ସେବା, ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟ ଜଳ ଯୋଗାଣ ନେଇ ସଂସଦରେ ଦାବି ଉପସ୍ଥାପନ କରାଯିବ ବୋଲି ସପ୍ତଗିରି କହିଛନ୍ତି।

ପ୍ରକାଶ ଯେ, ୨୦୧୯ ସାଧାରଣ ନିର୍ବାଚନରେ ପ୍ରଥମ ଥର ନିର୍ବାଚନ ମଇଦାନକୁ ସପ୍ତଗିରି ଓହ୍ଲାଇ ମାତ୍ର ୩,୬୧୩ ଖଣ୍ଡ ଭୋଟରେ ବିଜୟୀ ହୋଇ କୋରାପୁଟ ଲୋକ ସଭା ଆସନ ଦଖଲ କରିଥିଲେ। ୨୦୨୪ ନିର୍ବାଚନରେ ସପ୍ତଗିରିଙ୍କୁ ବିପୁଳ ଜନସମର୍ଥନ ମିଳିଛି। ଫଳସ୍ୱରୂପ ଚଳିତ ନିର୍ବାଚନରେ ୧,୪୭,୭୪୪ ଖଣ୍ଡ ଭୋଟ ଅଧିକ ପାଇ ସେ ନିଜର ବିଜୟଧାରା ଜାରି ରଖିଛନ୍ତି। ଉକ୍ତ ନିର୍ବାଚନରେ ସପ୍ତଗିରିଙ୍କ କୋରାପୁଟ ଲୋକ ସଭା କ୍ଷେତ୍ରର ୭ଟି ବିଧାନସଭା ଆସନରୁ ୬ଟିରେ କଂଗ୍ରେସ ବିଜୟଲାଭ କରିବା ସହିତ ରାୟଗଡ଼ା ଜିଲାରେ ବିଜେଡିକୁ କଂଗ୍ରେସ ମୂଳପୋଛ କରିପାରିଛି ।



ରାୟଗଡ଼ା ଜିଲା ବିଷମ କଟକରେ ଶେଷ ପର୍ଯ୍ୟାୟରେ ରଥ ତିଆରି କାମ। (ଫଟୋ-ପ୍ରସନ୍ନ କୁମାର ପଣ୍ଡା)

# ରଥଯାତ୍ରା ପାଇଁ ମିନାବଜାର ଟେଣ୍ଡରରେ ଅନିୟମିତତା ଅଭିଯୋଗ

ଗୁଣୁପୁର,୨୫।୬(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁରଠାରେ ହେବାକୁ ଥିବା ରଥଯାତ୍ରା ପାଇଁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମିନାବଜାର ଅନୁଷ୍ଠିତ ହେବ । ଏଥିପାଇଁ ଗୁଣପୁର ଦେବୋତ୍ତର ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରଥଯାତ୍ରାରେ ମିନାବଜାର ପାଇଁ ଗୁଣପୁର ତହସିଲଦାରଙ୍କ ପକ୍ଷରୁ ଗତ ୨ ତାରିଖରେ ବିଜ୍ଞାପନ ବାହାରିଥିଲା। ଜୁନ୍ ୨୦ରେ ଟେଣ୍ଡରରେ ଯୋଗ୍ୟ ସଂସ୍ଥାଗୁଡ଼ିକ ଆବଶ୍ୟକ କାଗଜପତ୍ର ଦେଇ ଭାଗ ନେଇପାରିବେ ବୋଲି କୁହାଯାଇଥିଲା। ୨୦ ତାରିଖ ଭାଗନେବା ପାଇଁ ବିଭିନ୍ନ ସଂସ୍ଥା ଆସିଥିଲେ ହେଁ ବହୁ ଟଙ୍କା ହୋଇଯାଇଛି। କିଛି କମ୍ କରାଯାଉ ବୋଲି ଉପସ୍ଥିତ ଅଧିକାରୀମାନଙ୍କୁ ଅନୁରୋଧକରି ଫେରିଯାଇଥିଲେ। ଫଳରେ ପୁନର୍ବାର ଟେଣ୍ଡର ପାଇଁ ୨୪ ଜୁନ୍ ପୂର୍ବାହ୍ନ ୧୧ଟାରେ ତହସିଲ କାର୍ଯ୍ୟାଳୟ ପରିସରରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା।

ଏଥିରେ ପାତ୍ର ଏଣ୍ଟରପ୍ରାଇଜସ୍, ଭରତ ମଜୁମଦାର ଏବଂ ସାଇବାବା ଏଣ୍ଟରପ୍ରାଇଜସ୍ ୩ ଜଣ ଭାଗ ନେଇଥିଲେ। ବିଜ୍ଞପ୍ତି ଅନୁଯାୟୀ ଟେଣ୍ଡରରେ ଭାଗନେଇଥିବା ସଂସ୍ଥାଙ୍କଠାରୁ ଆବଶ୍ୟକ କାଗଜପତ୍ର ପ୍ରଥମେ ମଗାଯାଇ ଯାଞ୍ଚ କରିବା କଥା। କିନ୍ତୁ କୌଣସି କାଗଜପତ୍ର ମଗା ନ ଯାଇ ଟେଣ୍ଡର ଡାକିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପାତ୍ର ଏଣ୍ଟରପ୍ରାଇଜସ୍ ୨୪ ଲକ୍ଷ ୫ ହଜାର,ସାଇବାବା ଏଣ୍ଟରପ୍ରାଇଜସ୍ ୨୪ ଲକ୍ଷ ୨ ହଜାର ଏବଂ ଭରତ ମଜୁମଦାର ୨୪ ଲକ୍ଷ ୧ ହଜାର ଟଙ୍କାରେ ମିନାବଜାର କରିବା ପାଇଁ ଡାକିଥିଲେ। ପାତ୍ର ଏଣ୍ଟରପ୍ରାଇଜସ୍ ସବୁଠାରୁ ଅଧିକ ଟଙ୍କାରେ ଡାକିଥିବାରୁ ସେ ଟେଣ୍ଡର ପାଇଥିଲେ। ତେବେ ଆବଶ୍ୟକ କାଗଜପତ୍ର ତହସିଲଦାର ଏବଂ ମନ୍ଦିର କମିଟି ପକ୍ଷରୁ ପାତ୍ର ଏଣ୍ଟରପ୍ରାଇଜସ୍ ମାଲିକଙ୍କୁ ମଗାଯାଇଥିଲା । କିନ୍ତୁ ତାଙ୍କ ପାଖରେ କୌଣସି କାଗଜପତ୍ର ନ ଥିଲା। ଏହା ଦେଖି ସଙ୍ଗେ ସଙ୍ଗେ ଦ୍ୱିତୀୟ ଯୋଗ୍ୟ ସଂସ୍ଥା ସାଇବାବା ଏଣ୍ଟରପ୍ରାଇଜସ୍ ମାଲିକ ଅଭିଷେକ ଜେନା ଅଭିଯୋଗ କରିଥିଲେ ଯେ, ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ କୌଣସି କାଗଜପତ୍ର ଯାଞ୍ଚ କରା ନ ଯାଇ କିପରି ଟେଣ୍ଡର କରାଗଲା ବୋଲି ପ୍ରଶ୍ନ ଉଠାଇଥିଲେ।

ବର୍ତ୍ତମାନ ଟେଣ୍ଡର ପାଇଥିବା ପାତ୍ର ଏଣ୍ଟରପ୍ରାଇଜସ୍ ପାଖରେ କୌଣସି କାଗଜପତ୍ର ନାହିଁ । ତେବେ ଏଥିପ୍ରତି କିଏ ଉତ୍ତରଦାୟୀ ରହିବେ ବୋଲି କହିଥିଲେ। ତାଙ୍କ ଅଭିଯୋଗ ଶୁଣିବା ପରେ ଟେଣ୍ଡର କମିଟି ନିଷ୍ପତ୍ତି ବଦଳାଇ ସାଇବାବା ଏଣ୍ଟରପ୍ରାଇଜସ୍‌ଙ୍କୁ ୨୨ ଲକ୍ଷ ୨ ହଜାର ଟଙ୍କାରେ ଚୁକ୍ତିନାମା କରି ମିନାବଜାର କରିବା ପାଇଁ କୁହାଯାଇଥିଲା। କିନ୍ତୁ ତାଙ୍କର ଅଭିଯୋଗ ଯେ, ପାତ୍ର ଏଣ୍ଟରପ୍ରାଇଜସ୍ ପାଖରେ ଟେଣ୍ଡର ନେବା ପାଇଁ ଆବଶ୍ୟକ କୌଣସି କାଗଜପତ୍ର ନ ଥାଇ ପ୍ରକ୍ରିୟାରେ ଭାଗ ନେଇଥିଲେ। ତେଣୁ ଜାଣିଶୁଣି ସେ ଅଧିକ ଟଙ୍କାରେ ନେବା ପାଇଁ ଟେଣ୍ଡର ଡାକିଥିଲେ। ଏହି ପ୍ରକ୍ରିୟାକୁ ରଦ୍ଦ କରାଯାଇ ଯୋଗ୍ୟ ସଂସ୍ଥାଗୁଡ଼ିକୁ ନେଇ ପୁନର୍ବାର ଟେଣ୍ଡର ଡକାଯାଉ ବୋଲି ଦାବି ହେଉଛି । ତୃତୀୟ ସ୍ଥାନରେ ଥିବା ଭରତ ମଜୁମଦାରଙ୍କ ପାଖରେ ମଧ୍ୟ ସମସ୍ତ କାଗଜପତ୍ର ନ ଥିବା ସତ୍ତ୍ୱେ ତାଙ୍କୁ ଅନୁକମ୍ପା ଦେଖାଇ ଟେଣ୍ଡର ଦେବା ପାଇଁ ଯୋଜନା ଚାଲିଥିବା ମଧ୍ୟ ପାତ୍ର ଏଣ୍ଟରପ୍ରାଇଜସ୍ ମାଲିକ ଅଭିଷେକ ଅଭିଯୋଗ କହିଛନ୍ତି।

ଅପରପକ୍ଷରେ ଗୁଣପୁର ରଥଯାତ୍ରାରେ ମିନାବଜାର କରିବା ପାଇଁ ୨୦୨୨ରେ ୧୩ ଲକ୍ଷ ଓ ୨୦୨୩ରେ ୨୦ ଲକ୍ଷ ୩୦ ହଜାର ଟଙ୍କାରେ ଟେଣ୍ଡର ହୋଇଥିଲା। ୨୦୨୪ ପାଇଁ ଏହା ୨୦ ଲକ୍ଷ ୫୦ ହଜାର ଟଙ୍କାରେ ମିନାବଜାର କରିବା ପାଇଁ ଧାର୍ଯ୍ୟ କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ତେଣୁ ସେହି ଅନୁସାରେ ସେ ଯୋଗ୍ୟ ସଂସ୍ଥା ହୋଇଥିବାରୁ ୨୦ ଲକ୍ଷ ୫୦ ହଜାର ଟଙ୍କାରେ ଏହି ଟେଣ୍ଡର ପ୍ରଦାନ କରାଯାଉ ନ ହେଲେ ନ୍ୟାୟ ପାଇଁ କୋର୍ଟରେ ଆଶ୍ରୟ ନେବେ ବୋଲି ଅଭିଷେକ କହିଛନ୍ତି। ଏ ନେଇ ଗୁଣପୁର ତହସିଲଦାର ଲୀଳାବତୀ ଆଚାର୍ଜିଙ୍କ ସହ ଯୋଗାଯୋଗ କରାଯିବାରୁ ପ୍ରଥମ ପାର୍ଟିର କାଗଜପତ୍ର ଠିକ୍ ନ ଥିବାରୁ ସେ ବାଦ୍ ପଡ଼ିଲେ। ଦ୍ୱିତୀୟ ପାର୍ଟି ଅଧିକ ଟଙ୍କା ହୋଇଯାଇଥିବା କହି ଓହରିଗଲେ । ତେଣୁ ତୃତୀୟ ପାର୍ଟିଙ୍କୁ ଦିଆଯାଉଛି ବୋଲି ସେ କହିଛନ୍ତି ।

# ନାଗାବଳୀ ପୋଲ ମରାମତି କାମ ବନ୍ଦ କଲେ ଲୋକେ



ଠିକାଦାର ଓ ଯନ୍ତ୍ରୀଙ୍କ ସହ ଜେକେପୁର ଅଞ୍ଚଳର ଯୁବଗୋଷ୍ଠୀ ଆଲୋଚନା କରୁଛନ୍ତି।

ରାୟଗଡ଼ା,୨୫।୬(ଆଶିଷ ରଞ୍ଜନ ପଣ୍ଡା)

## ନିମ୍ନମାନର କାମ ଅଭିଯୋଗ

ରାୟଗଡ଼ା ଜିଲା ଜେକେପୁରସ୍ଥିତ ନାଗାବଳୀ ନଦୀ ପୋଲ ମରାମତି କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏହାକୁ ଅଞ୍ଚଳବାସୀ ବିରୋଧ କରି କାମ ବନ୍ଦ କରାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ପୋଲଟି ଦୀର୍ଘ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥଲେ ମଧ୍ୟ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ତାହା ମରାମତି ହୋଇପାରୁନି। ତେବେ ଜେକେପୁରସ୍ଥିତ ନାଗବଳୀ ପୋଲ ଏବଂ ରାୟଗଡାସ୍ଥିତ ଫ୍ଲାଏ ଓଭର ଦୂରାବସ୍ଥା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ମଙ୍ଗଳବାର ଏହାର ମରାମତି କାମ ଆରମ୍ଭ ହୋଇଛି। ଗାତ ହୋଇଥିବା ସ୍ଥାନରେ ପୁନର୍ବାର ଖୋଳି କଂକ୍ରିଟ କରିବା ବଦଳରେ ଯନ୍ତ୍ରୀ ଓ ଠିକାଦାର ପୋଲ ଉପରେ କେବଳ ପିଚୁ ପକାଇ କାମ କରୁଥିଲେ। ଏହି ଖବରପାଇ ଜେକେପୁର ଅଞ୍ଚଳର ଯୁବଗୋଷ୍ଠୀ ଏହାକୁ ବିରୋଧ କରି ଠିକାଦାର ଓ ଯନ୍ତ୍ରୀଙ୍କୁ ଘେରିବା ସହ କାମବନ୍ଦ କରାଇଥିଲେ। ପୋଲଟି ମରାମତି ପାଇଁ କେତେ ଟଙ୍କା ବ୍ୟୟ ହେବ ଓ କାର୍ଯ୍ୟାଦେଶର ବିବରଣୀ ଆଣିବା ପରେ ସଠିକ କାମ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ତାଗିଦ୍ କରିଥିଲେ।

ପ୍ରକାଶଥାଉକି, ଏହି ପୋଲଟି ପ୍ରତିବର୍ଷ ଜାତୀୟ ରାଜପଥ ବିଭାଗ ପକ୍ଷରୁ ମରାମତି କରାଯାଉଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ପୋଲର ମଧ୍ୟ ଭାଗରେ ପାଣି ଜମି ଯାତାୟାତ ବିପଦଜନକ ହୋଇଛି। ଏହି ପୋଲ ଉପରେ ଦୈନିକ ହଜାର ସଂଖ୍ୟାରେ ଯାନବାହାନ ଯାତାୟାତ କରନ୍ତି। କେତେବେଳେ କିଛି ବି ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଛି।

# ଭାଜପା ପକ୍ଷରୁ କଳା ଦିବସ ପାଳନ

ଗୁଣପୁର, ୨୫।୬(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଭାଜପା ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ କଳା ଦିବସ ପାଳନ କରାଯାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାରେ ସଭାପତି ବଦ୍ରି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ହିମକାନ୍ତ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ସମୟରେ କିପରି ୧୯୭୫ ଜୁନ୍ ୨୫ରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇ ଦେଶରେ ସାଧାରଣ ଲୋକଙ୍କ କଣ୍ଠରୋଧ ଏବଂ ଗଣତନ୍ତ୍ରକୁ ହତ୍ୟା କରାଯାଇଥିଲା ବୋଲି ସେମାନେ ମତ ଦେଇଥିଲେ। ଭାଜପା ସମ୍ବିଧାନ ସୁରକ୍ଷା ଦେବାରେ ବିଫଳ ବୋଲି ଏବେ କଂଗ୍ରେସ ଦଳ କହିବା ହାସ୍ୟାସ୍ପଦ ବୋଲି ସେମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଉପସଭାପତି ଉଦୟ ପାଢ଼ୀଙ୍କ ସେମେତ ଟିଙ୍କୁ ପଣ୍ଡା, ଜୟଦେବ ପଣ୍ଡା, ରମେଶ ସାହୁ, ପପୁ କର, ଅମିତ ଷଡ଼ଙ୍ଗୀ, ରୋହନ ପଟ୍ଟନାୟକ, ମୁଖି ଦିବାକର, ଦିଲୀପ ନାଗବଂଶ, ଶାନ୍ତନୁ ପାଣିଗ୍ରାହୀ, ସାଇ ପ୍ରଥମ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସନ୍ଧ୍ୟାରେ ଆଦର୍ଶ ନଗରସ୍ଥିତ କାର୍ଯ୍ୟାଳୟରେ ବରିଷ୍ଠ କାର୍ଯ୍ୟକର୍ତ୍ତା ୱାଇ.ଗଣପତିଙ୍କ ନେତୃତ୍ୱରେ କଳା ଦିବସ ପାଳନ କରାଯାଇଛି। ଏଥିରେ ଅମର କୁମାର ସାହୁ ଓ ଶ୍ରୀନିବାସ ସ୍ୱାଇଁ ସହଯୋଗ କାରିଥିଲେ। ବିଦ୍ୟାଧର ଶବର, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ପ୍ରମୋଦ କୁମାର ସାହୁ, ହିମକାନ୍ତ ମହାପାତ୍ର, ଭଗବାନ ଚୌଧୁରୀ,ଲକ୍ଷ୍ମୀ ନାରାୟଣ ପାଢ଼ୀ, ଜଗଦୀଶ ପାତ୍ର, ଶ୍ରୀକୃଷ୍ଣ ପଣ୍ଡା, ସଞ୍ଜୁକ୍ତା ତ୍ରିପାଠୀ, ଗୋପାଳ କୃଷ୍ଣ ଦେବପାତ୍ର, ସାରଙ୍ଗ ନାଗବଂଶ, ମନୋଜ କୁମାର ପାଣିଗ୍ରାହୀ, ପ୍ରଭାକର ସାବତ, ଆଦିତ୍ୟ ନାରାୟଣ ମିଶ୍ର, ଗୁମୁଡ଼ି ଶବର, ତୁଷାର ପଟ୍ଟନାୟକ, ଗଗନ ବିହାରି ପାତ୍ର, ପି.କ୍ରିଷ୍ଣା ରାଓ, ଦିଲୀପ କୁମାର ବାଉରି, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ପ୍ରଶାନ୍ତ କୁମାର ସାହୁକାର, ରମେଶ ଚନ୍ଦ୍ର ସାହୁ, ବିଶ୍ୱନାଥ ବ୍ରହ୍ମା, ଶେଖ୍ ସାଲିମ୍, ସନ୍ତୋଷ କୁମାର ସୁବୁଦ୍ଧି, କେ. ମାଣିକାଣ୍ଡା, ନିଖିଲ ପାତ୍ର ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ୧୯ ବର୍ଷରୁ କମ୍ କ୍ରିକେଟ ଟିମ୍‌ର କଟକ ଗସ୍ତ



ରାୟଗଡ଼ା,୨୫।୬(ଆଶିଷ ରଞ୍ଜନ ପଣ୍ଡା)

୧୯ ବର୍ଷରୁ କମ ବୟସର ଜିଲାସ୍ତରୀୟ କ୍ରିକେଟ ଟିମ୍ ମଙ୍ଗଳବାର କଟକ ଯାତ୍ରା କରିଛି। ଆନ୍ତଃଜିଲା କ୍ରିକେଟ ମ୍ୟାଚ୍ ଖେଳିବା ପାଇଁ ଟିମ୍ ଯାତ୍ରା କରିଥିବା ସୂଚନା ମିଳିଛି। ରାୟଗଡ଼ା ଟିମ୍ ୨୭ ତାରିଖରେ ନୟାଗଡ଼ ସହିତ ପ୍ରଥମ ମ୍ୟାଚ ଓ ଦ୍ୱିତୀୟ ମ୍ୟାଚ ସମ୍ବଲପୁର ସହିତ ଜୁଲାଇ ୨ରେ ଖେଳିବ। ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଭାଗନେବାକୁ ରାୟଗଡ଼ା ଜିଲାର ୧୫ ଜଣ ଖେଳାଳି ଯାତ୍ରା କରିଛନ୍ତି। ମ୍ୟାନେଜର ଦୀପଙ୍କର ପରିଚ୍ଛାଙ୍କ ନେତୃତ୍ୱରେ ଏହି ଟିମ୍ ଯାତ୍ରା ଆରମ୍ଭ କରିଛି। ଖେଳାଳିଙ୍କୁ ଓସିଏ ପକ୍ଷରୁ ଚୟନ କରାଯାଇଛି। ପିତାମହଲସ୍ଥିତ ରିତମ୍ ପଡ଼ିଆରେ ଏହି ଚୟନ ହୋଇଥିଲା। ସେଠାରେ ଭଲ ଖେଳିଥିବା ଖେଳାଳିଙ୍କୁ ବଛାଯାଇ କଟକ ପଠାଯାଇଥିବା ଜିଲା କ୍ରିକେଟ ଆସୋସିଏସନ୍ ପକ୍ଷରୁ ସୂଚନା ମିଳିଛି। ଆସୋସିଏଶନ୍ ସମ୍ପାଦକ ସଚ୍ଚିଦାନନ୍ଦ ଖାଡ଼ଙ୍ଗା, କୋଷାଧ୍ୟକ୍ଷ ପ୍ରଶାନ୍ତ ତ୍ରିପାଠୀ, ଜିଲା କ୍ରୀଡ଼ାଧିକାରୀ ଶେଖ୍ ଆଲେନୁର ପ୍ରମୁଖ ଖେଳାଳିଙ୍କୁ ଚୟନ ସହିତ କଟକ ପଠାଇବା ଦାୟିତ୍ୱ ତୁଲାଇଥିଲେ।

# ବର୍ଷା ହେଲେ ବ୍ୟବସାୟୀ ଜଳବନ୍ଦୀ

ରାୟଗଡ଼ା, ୨୫।୬ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହରର ଦୈନିକ ବଜାର ଅବ୍ୟବସ୍ଥା ଘେରରେ ରହିଛି। ଦୀର୍ଘ ବର୍ଷ ହେବ ବଜାରଟି ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛି। ଏଠାରେ ନା ରହିଛି ଡ୍ରେନ୍ ସୁବିଧା ନା ସିସି ରୋଡ୍ । ବର୍ଷାଋତୁରେ ଏଠାକାର ବ୍ୟବସାୟୀଙ୍କୁ ଅନେକ ହଇରାଣ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ବର୍ଷା ହେଲେ ପାଣି ଭିତରେ ଜଳବନ୍ଦୀ ଅବସ୍ଥାରେ ରହି ବେପାର କରିବାକୁ ପଡୁଛି ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

ଦୈନିକ ବଜାରରେ ହୋଲ୍‌ସେଲ ଦରରେ ସମସ୍ତ ସାମଗ୍ରୀ ମିଳିଥାଏ। ତେଣୁ ସବୁ ଗ୍ରାମାଞ୍ଚଳରୁ ଖୁଚୁରା ବେପାରୀଙ୍କ ସହ ଦୈନିକ ଶତାଧିକ ଲୋକ ଏଠାକୁ ଆସି ସମସ୍ତ ସାମଗ୍ରୀ ନେଇଥାନ୍ତି। ବର୍ଷା ହେଲେ ଏଠାରେ ଯିବା ଆସିବା କରିବା ସମ୍ଭବ ହୋଇ ନ ଥାଏ । ସିସି ରୋଡ୍ ନ ଥିବାରୁ ବାହାର ରାଜ୍ୟରୁ ମାଲ ପରିବହନ ହୋଇପାରେ ନାହିଁ। ବଜାର କାଦୁଅରେ ଭରିଯାଏ। ନାଳ ବ୍ୟବସ୍ଥା ନ ଥିବାରୁ ବର୍ଷାପାଣି ଦୋକାନ ଭିତରେ ପଶି ଗଚ୍ଛିତ ଥିବା ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଏ ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ବର୍ଷାଦିନେ ହୋଲ୍‌ସେଲ ବ୍ୟବସାୟୀ ବେପାର ନ କରିପାରି ହାତବାନ୍ଧି ବସି ରହନ୍ତି। ପୌର ପରିଷଦ ପକ୍ଷରୁ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି ହେଲେ ଏହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସେଥିରେ ପୁଣି ରୁମ୍ ପିଛା ୮୦୦ ଟଙ୍କା ନିଆଯାଉଥିବା ବ୍ୟବସାୟୀ ଅଭିଯୋଗ କରିଛନ୍ତି। ବାରମ୍ବର ସମସ୍ୟା ସମ୍ପର୍କରେ କାଉନ୍‌ସିଲରଙ୍କଠାରୁ ଆରମ୍ଭକରି ପୌର ପରିଷଦ ନିର୍ବାହୀ ଯନ୍ତ୍ରୀ ଏବଂ ପୌରାଧ୍ୟକ୍ଷଙ୍କୁ ଜଣାଇଛୁ। ପୌର ପରିଷଦରେ ଟଙ୍କା ନ ଥିବା କହି ଫେରାଇ ଦିଆଯାଇଥିବା ବ୍ୟବସାୟୀ ସାୟେଦ ଅହମ୍ମଦ କହିଛନ୍ତି। ବଜାର ରାସ୍ତା ଖାଲ ଥିବାରୁ ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମି ରହୁଛି। ଫଳରେ କାଦୁଅ ହୋଇ ଆଣ୍ଠୁଏ ପାଣି ହେଉଛି। ତେଣୁ କୌଣସି ଗ୍ରାହକ ବଜାରକୁ ବର୍ଷାରେ ଆସୁନାହାନ୍ତି।



ଦୈନିକ ବଜାରର ବର୍ଷା ସମୟର ଦୃଶ୍ୟ।

**ଦୈନିକ ବଜାରରେ ନାହିଁ ସିସି ରୋଡ୍, ଡ୍ରେନେଜ୍ ବ୍ୟବସ୍ଥା**

- ■ ବର୍ଷାଦିନରେ ସୃଷ୍ଟି ହେଉଛି କୃତ୍ରିମ ପୋଖରୀ
- ■ ଶୌଚାଳୟର ହେଉନି ସଫେଇ, ରକ୍ଷଣାବେକ୍ଷଣ
- ■ ମହିଳା ବ୍ୟବସାୟୀ, ଗ୍ରାହକ ହଇରାଣ

ଏହା ଦ୍ୱାରା ବ୍ୟବସାୟୀ କ୍ଷତି ସହୁଛନ୍ତି। ତେଣୁ ଡ୍ରେନେଜ ବ୍ୟବସ୍ଥା ସହ ସିସି ରୋଡ୍ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ଷାପାଣି ଜମୁଥିବାରୁ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିଯାଏ। ଅସ୍ୱାସ୍ଥ୍ୟକର ପରିବେଶରେ ବେପାର କରିବାକୁ ବାଧ୍ୟ। ଅନେକ ସମୟରେ ମ୍ୟାଲେରିଆ,ଡେଙ୍ଗୁ ଭଳି ରୋଗରେ ଆକ୍ରାନ୍ତ ହେଉଥିବା ବ୍ୟବସାୟୀ ଏସ୍.କେ. ଅଜୁ, ସାୟଦ ଅହମ୍ମଦ, ଟି. ରାଜେଶ୍, ବି. ଜୟା, ଲଳିତା ବେହେରା, ଜି. ରାମା କ୍ରିଷ୍ଣା ପ୍ରମୁଖ ଅଭିଯୋଗ କରିଛନ୍ତି। ପୌର ପରିଷଦରେ ବାରମ୍ବାର ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅଞ୍ଚଳରେ ବ୍ଲିଚିଂ, ଫିନାଇଲ ମଧ୍ୟ ପକାଯାଉ ନ ଥିବା କି ସଫେଇ ହେଉ ନ ଥିବା ବ୍ୟବସାୟୀ କହିଛନ୍ତି।

ପୌର ପରିଷଦ ପକ୍ଷରୁ ଏଠାରେ ଏକ ଶୌଚାଳୟ ରହିଛି। ହେଲେ ରକ୍ଷଣାବେକ୍ଷଣା ଅଭାବରୁ ତାହା ବ୍ୟବହାର ଉପଯୋଗୀ ନାହିଁ। ଫଳରେ ମହିଳା ବ୍ୟବସାୟୀ ଓ ଗ୍ରାହକ ବିଶେଷଭାବେ ଅସୁବିଧା ଭୋଗୁଛନ୍ତି ବୋଲି ଗ୍ରାହକ ପି. ନୀଳିମା କହିଛନ୍ତି। ଏବେ ଶୌଚାଳୟକୁ ଭାଙ୍ଗି ଦିଆଯାଇ ପୁନର୍ବାର ନିର୍ମାଣ କରାଯିବ ବୋଲି ଜଣାପଡିଛି। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ନୂତନ ଭାବେ ଦାୟିତ୍ୱ ନେଇଛନ୍ତି। ସମସ୍ୟା ସମ୍ପର୍କରେ ଏବେ ଅବଗତ ହୋଇଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ରାୟଗଡ଼ା ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅବଗତ ରହିଛି। ନିର୍ବାଚନ ପାଇଁ କାମ ସବୁ ବନ୍ଦ ଥିଲା। ଆଗାମୀ କାଉନସିଲ ବୈଠକରେ ଏ ନେଇ ଆଲୋଚନା ପରେ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ମାଲକାନଗିରି,୨୫।୬(ଦୁର୍ଯ୍ୟୋଧନ ପାତ୍ର)

କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଥିବା ବେଳେ ତାଙ୍କର ଗୋଟିଏ ଗୋଡ଼ ଶରୀରରୁ ଅଲଗା ହୋଇଯାଇଛି। ଏପରି ଦୁର୍ଘଟଣା ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ନିକଟରେ ଘଟିଛି । ସୂଚନା ଅନୁଯାୟୀ, ମାଲକାନଗିରିରୁ ଜୟପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଦେଇ ଏକ କାର ଦ୍ରୁତଗତିରେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍‌କୁ ପାଣ୍ଡ୍ରିପାଣି ନିକଟରେ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ରାସ୍ତାକଡକୁ ଛିଟିକି ପଡିଥିବା ବେଳେ ତାଙ୍କ ଶରୀରରୁ ଗୋଟିଏ ଗୋଡ଼ର କିଛି ଅଂଶ ଓ ପାଦ ସମ୍ପୂର୍ଣ୍ଣ ରୂପେ ଅଲଗା ହୋଇଯାଇଛି। ଆହତ ଯୁବକ ଜଣଙ୍କ ସେରପାଲୀ ଗ୍ରାମର ପୂର୍ଣ୍ଣ ଡୁରୁକା। ତେବେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

## ନାବାଳିକା ବୋହୂ ହତ୍ୟା ଘଟଣା, ୫ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୫।୬(ଅଶେଷନାଥ ମିଶ୍ର)

ଦିଗପହଣ୍ଡି ଥାନା ଅଧିନସ୍ଥ ଭୀଷ୍ମଗିରି ଗ୍ରାମରେ ଗତ ଶନିବାର ଜଣେ ନାବାଳିକା ବୋହୂ ନନ୍ଦିନୀଙ୍କୁ ହତ୍ୟା ଘଟଣାରେ ମଙ୍ଗଳବାର ପୋଲିସ ପର୍ଦ୍ଦାଫାଶ କରିଥିବା ଜଣାପଡିଛି। ଏହି ଯୋଜନାବଦ୍ଧ ହତ୍ୟା ମାମଲାରେ ସାମିଲ ଥିବା ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନନ୍ଦିନୀଙ୍କ ସ୍ୱାମୀ ଜିତେନ୍ଦ୍ର ବିଷୋୟୀ, ଶ୍ୱଶୁର ରମେଶ ବିଷୋୟୀ, ଶାଶୁ ମାମୀ ବିଷୋୟୀ, ଦିଅର ରିତୁ ବିଷୋୟୀ ଓ ନଣନ୍ଦ ମାମା ବିଷୋୟୀ। ଭୀଷ୍ମଗିରି ଗ୍ରାମ ମହାମାୟୀ ନଗର ପ୍ରଥମ ଲେନର ରମେଶ ବିଷୋୟୀଙ୍କ ପୁଅ ଜିତେନ୍ଦ୍ର ଗ୍ରାମର ଶିବରାମ ସାହୁଙ୍କ ନାବାଳିକା ଝିଅ ନନ୍ଦିନୀଙ୍କୁ ନେଇ ଗ୍ରାମରୁ ଫେରାର ହେବା ପରେ କିଛି ଦିନ ପରେ ଗ୍ରାମକୁ ଫେରି ବିବାହ କରିଥିଲେ। ନବବଧୂ ବେଶରେ ନନ୍ଦିନୀ ଶ୍ୱଶୁର ଘରକୁ ଆସିଥିଲେ। ସବୁକିଛି ଠିକଠାକ ଚାଲିଥିଲା। ସମସ୍ତେ ହସଖୁସିରେ ଚଳୁଥିଲେ। ଗତ ଶନିବାର ନନ୍ଦିନୀଙ୍କୁ ବାପଘରୁ ଯୌତୁକ ଆଣିବା ପାଇଁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ବାଧ କରିଥିଲେ। ନନ୍ଦିନୀ ନିଜର ଅକ୍ଷମତା ପ୍ରକାଶ କରିବାରୁ ସମସ୍ତେ ଉତ୍ତେଜିତ ହୋଇ ତାଙ୍କ ଗଳା ଚିପି ହତ୍ୟା କରିବା ପରେ ତରବରିଆ ଭାବେ ପୋଡ଼ି ଦେଇଥିଲେ, ଯାହାକୁ ଗ୍ରାମବାସୀ ଓ ନନ୍ଦିନୀଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ। ଏନେଇ ନନ୍ଦିନୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ସୋମବାର ପୋଲିସ ଓ ସାଇଣ୍ଟିଫିକ ଟିମ୍ ଗ୍ରାମ ଶ୍ମଶାନରେ ପହଞ୍ଚି ମୃତକଙ୍କ ହାଡ଼ ଓ ପାଉଁଶ ଜବତ କରିଥିଲେ। ଏପରିକି ପୋଲିସ ସ୍ୱାମୀ ଓ ଶ୍ୱଶୁରଙ୍କୁ ଜେରା କରିବା ପରେ ନାବାଳିକା ବୋହୂ ନନ୍ଦିନୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

# ନବଜାତକଙ୍କ ଜନ୍ମ ପ୍ରମାଣପତ୍ର ମିଳୁ ନ ଥିବାରୁ ଜିଲାପାଳଙ୍କୁ ଅଭିଯୋଗ

ମାଲକାନଗିରି,୨୫।୬(ଦୁର୍ଯ୍ୟୋଧନ ପାତ୍ର)



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗୋରାଖୁଣ୍ଟା ଗ୍ରାମବାସୀ ।

ମାଲକାନଗିରି ଜିଲା ସଦର ବ୍ଲକ୍ ଗୋରାଖୁଣ୍ଟା ପଞ୍ଚାୟତରେ ନବଜାତକ ଶିଶୁମାନଙ୍କ ଜନ୍ମ ପ୍ରମାଣପତ୍ର ବିଭାଗୀୟ ଅଧିକାରୀ ଦେଉ ନ ଥିବାରୁ ଏହି ପଞ୍ଚାୟତର ଛୋଟ ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇବାରେ ସମସ୍ୟା ଉପୁଜିଛି। ଏ ନେଇ ପଞ୍ଚାୟତବାସୀ ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ, ଗୋରାଖୁଣ୍ଟା ପଞ୍ଚାୟତର ୩୨ରୁ ଉର୍ଦ୍ଧ୍ୱ ଆଦିବାସୀ ପିଲାଙ୍କୁ ଜନ୍ମ ପ୍ରମାଣପତ୍ର ମିଳିନାହିଁ। ଏହାର ମୁଖ୍ୟ କାରଣ ହେଉଛି ଏହି ପଞ୍ଚାୟତରେ କାର୍ଯ୍ୟରତ ଆଶା ଦିଦି, ଅଙ୍ଗନୱାଡି କର୍ମୀମାନଙ୍କ ଅବହେଳା । ଏମାନେ ଉକ୍ତ ପଞ୍ଚାୟତରେ ଜନ୍ମ ନେଇଥିବା ଶିଶୁମାନଙ୍କର କୌଣସି ରେକର୍ଡ ନ କରିବା ସହ ସେମାନଙ୍କ ଜନ୍ମ ପ୍ରମାଣପତ୍ର ସମ୍ବନ୍ଧୀୟ ତଥ୍ୟ ଠିକ୍ ଭାବେ ଉପସ୍ଥାପନ କରିନାହାନ୍ତି। ଏହି ପଞ୍ଚାୟତର ପ୍ରାୟ ୩୨ରୁ ଉର୍ଦ୍ଧ୍ୱ ଛୋଟ ପିଲାମାନେ ଜନ୍ମ ପ୍ରମାଣପତ୍ର ପାଇ ନ ଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବିଦ୍ୟାଳୟରେ ନାମଲେଖା, ଆଧାର କାର୍ଡ ସଂଶୋଧନ ଇତ୍ୟାଦିରେ ବାଧକ ସୃଷ୍ଟି ହେଉଛି।

ଏ ସମ୍ପର୍କରେ ଗ୍ରାମବାସୀ ସମ୍ପୃକ୍ତ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ପଚାରିଲେ ସେମାନେ ଏ କଥାକୁ ବେଖାତିର କରୁଛନ୍ତି। ତେଣୁ ଏ ସମ୍ପର୍କରେ ତଦନ୍ତକରି ଗୋରାଖଣ୍ଟା ପଞ୍ଚାୟତ ପିଲାମାନଙ୍କୁ ଯେପରି ଜନ୍ମ ପ୍ରମାଣପତ୍ର ମିଳିବ ସେଥିପ୍ରତି ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ଦାବିପତ୍ରକୁ ମାନବ ଅଧିକାର ସଂଗଠନ ସଭାପତି ଏରା ପଡିଆମିଙ୍କ ସହ ପଞ୍ଚାୟତବାସୀ ମିଳିତ ଭାବେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜିଲାପାଳ ତୁରନ୍ତ ଏ ସମ୍ବନ୍ଧରେ ପଦକ୍ଷେପ ନେବା ପାଇଁ ମୁଖ୍ୟ ଚିକିତ୍ସାଧିକାରୀ, ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଗଛରେ ପିଟିହୋଇ ୨୦ଫୁଟ ଉପରକୁ ଉଠିଲା କାର୍



ଦୁର୍ଘଟଣାଗ୍ରସ୍ତ କାର ।

**ଡାଳରେ ଲାଖି ଆଖି ବୁଜିଲେ ଡ୍ରାଇଭର**

ମାଥିଲି,୨୫।୬(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ସିଙ୍ଗାଲବେଡା ଛକ ନିକଟରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଡ୍ରାଇଭରଙ୍କର ମୃତ୍ୟୁ ହୋଇଛି। ମୃତକ ପାଙ୍ଗାମ ଗ୍ରାମର ତରୁଣ କୁମାର ଘୋଷ । ସୋମବାର ବିଳମ୍ବିତ ରାତିରେ ତରୁଣ କାର୍ (ସିଜି ୧୮ସି ୦୬୭୫)ରେ କୌଣସି କାମରେ ମାଥିଲି ଆସୁଥିଲେ। ତେବେ ଗାଡ଼ିଟି ଦ୍ରୁତଗତିରେ ଥିବା ବେଳେ ଭାରସାମ୍ୟ ହରାଇ ଏକ କଟା ଗଛ ଗଣ୍ଡି ଉପରେ ଚଢ଼ିଯାଇଥିଲା। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କଟା ଗଛକୁ ଲାଗି ନିକଟରେ ଥିବା ଏକ ବରଗଛରେ ପିଟିହୋଇ ପ୍ରାୟ ୨୦ଫୁଟ ଉପରକୁ ଉଠିଯାଇଥିଲା। ଚାଳକ ତରୁଣଙ୍କର ଘଟଣାସ୍ଥଳରେ ପ୍ରାଣବାୟୁ ଉଡ଼ିଯାଇଥିଲା। ଖବର ପାଇ ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଓ ଅନ୍ୟମାନେ ମୃତଦେହ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ସାପ୍ତାହିକ ହାଟ ପାଇଁ ନାହିଁ ମାର୍କେଟ କମ୍ପ୍ଲେକ୍ସ

- ରାଜପଥ ପାର୍ଶ୍ୱରେ ହେଉଛି ବ୍ୟବସାୟ
- ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ

ବାଲିମେଲା, ୨୫।୬(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଚିତାପାରି-୩ ପଞ୍ଚାୟତ ଏମ୍‌ଭି-୩୭ ଗାଁରେ ଦୀର୍ଘବର୍ଷ ଧରି ପ୍ରତି ଶନିବାର ସାପ୍ତାହିକ ହାଟ ହେଉଛି । ହାଟରେ ମାର୍କେଟ କମ୍ପ୍ଲେକ୍ସ ନ ଥିବାରୁ ସେମାନେ ବାଲିମେଲା-ମାଲକାନଗିରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ପନି ପରିବାଠାରୁ ଆରମ୍ଭକରି ସମସ୍ତେ କିଣାବିକା କରୁଛନ୍ତି । ଫଳରେ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ଲାଗିରହୁଛି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏମ୍‌ଭି-୩୭ରେ ହେଉଥିବା ସାପ୍ତାହିକ ହାଟରେ ବ୍ଲକ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ କିମ୍ବା ଭେଣ୍ଡିଂ ନ ଥିବାରୁ ଲୋକେ ଓ ବ୍ୟବସାୟୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭେଣ୍ଡିଂ ଜୋନ୍ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥାନ ନିରୂପଣ ହେଉନାହିଁ । ଫଳରେ ଅଞ୍ଚଳର ଚାଷୀ ଓ ବ୍ୟବସାୟୀମାନେ ବାଧ୍ୟ ହୋଇ ବାଲିମେଲା-ମାଲକାନଗିରି ୩୨୬ନଂ. ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ପନିପରିବାଠାରୁ ଆରମ୍ଭକରି ମାଛ ମାଂସ ମଧ୍ୟ ବିକ୍ରି କରୁଛନ୍ତି ।

ସୂଚନାଯୋଗ୍ୟ, ଏହି ସାପ୍ତାହିକ ହାଟ ଉପରେ ଚିତାପାରି-୧,ଚିତାପାରି-୨, ଏମ୍‌ଭି-୧୨୨, ଏମ୍‌ଭି-୩୭,ଏମ୍‌ଭି-୩୬,ଏମ୍‌ଭି-୩୮,ଏମ୍‌ଭି-୧୦୮,ଏମ୍‌ଭି-୧୦୪,ଏମ୍‌ଭି-୧୦୯, ଏମ୍‌ଭି-୫୩, ଏମ୍‌ଭି-୩୫, ସୋମନାଥପୁର ଓ ରଙ୍ଗମାଟିଗୁଡା ସମେତ ଅନ୍ୟାନ୍ୟ ବହୁ ଗ୍ରାମବାସୀ ନିର୍ଭର କରୁଛନ୍ତି। ହାଟ ଦିନ ରାସ୍ତାରେ ଲୋକଙ୍କ ଭିଡ଼ ଜମୁଥିବାରୁ ଉକ୍ତ ରାସ୍ତାଦେଇ ଗାଡି ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି। ଏହି କାରଣରୁ ଅନେକ ସମୟରେ ଏଠାରେ ଦୁର୍ଘଟଣା ମଧ୍ୟ ଘଟୁଛି । ତେବେ ଏଠାରେ ଏକ ସ୍ଥାୟୀ ବଜାର ସହ ମାର୍କେଟ କମ୍ପ୍ଲେକ୍ସ ଓ ଭେଣ୍ଡିଂ ଜୋନ୍ ପାଇଁ ବାରମ୍ବାର ଦାବିହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ଆଦୌ କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ସୁଜିତ ମିଶ୍ରଙ୍କୁ ପଚାରିବାରୁ ଉକ୍ତ ଅଞ୍ଚଳରେ ସାପ୍ତାହିକ ହାଟ ପାଇଁ ଆବଶ୍ୟକ ହେଉଥିବା ମାର୍କେଟ କମ୍ପ୍ଲେକ୍ସ ଓ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଓ ତହସିଲଦାରଙ୍କ ସହ ଆଲୋଚନା କରାଯାଇ ପ୍ରଥମେ ସ୍ଥାନ ନିରୂପଣ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ।



ରାସ୍ତା ଉପରେ ବସିଥିବା ପରିବା ବଜାର ।

## ଟ୍ରାକ୍ଟର ଧକ୍କାରେ ନାବାଳକ ମୃତ

ବେଲଗୁଣ୍ଠା, ୨୫।୬(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଲକଷଣ୍ଢା ଗ୍ରାମରେ ଏକ ଟ୍ରାକ୍ଟର୍ ଧକ୍କାରେ ଜଣେ ନାବାଳକର ମୃତ୍ୟୁ ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇଦେଇଛି । ମୃତ ନାବାଳକ ଜଣକ ହେଲେ ପାଲକଷଣ୍ଢା ଗ୍ରାମର ରବି ନରାୟଣ ବିଷୋୟୀଙ୍କ ସାନ ପୁଅ ଶ୍ରୀତମ କୁମାର ବିଷୋୟୀ। ଶ୍ରୀତମ ବିଲରେ କାମସାରି ଘରକୁ ଫେରୁଥିବା ବେଳେ ଗ୍ରାମର ମଝି ଅକଟା ନାମକ ସ୍ଥାନରେ ଏକ ଟ୍ରାକ୍ଟର ଶ୍ରୀତମଙ୍କର ସାଇକେଲକୁ ଧକ୍କା ଦେବା ଫଳରେ ସେ ପଡ଼ିଯାଇଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଉଦ୍ଧାର କରି ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବୃଦ୍ଧାଙ୍କଠୁ ଅଳଙ୍କାର ଲୁଟ୍ ମାମଲା : ଅଭିଯୁକ୍ତଙ୍କୁ ଜେଲ

ଦିଗପହଣ୍ଡି,୨୫।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଜକର ଗ୍ରାମର ନୂଆସାହି ବାସିନ୍ଦା ଏମ୍. କୁମାରୀ ସୁବୁଦ୍ଧି ନାମ୍ନୀ ଜଣେ ବୃଦ୍ଧାଙ୍କୁ ସୋମବାର ଘରେ ପଶି ହତ୍ୟା ଉଦ୍ୟମ ସହ ସେ ପିନ୍ଧିଥିବା ସୁନା ଅଳଙ୍କାର ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ପୋଲିସ ସମ୍ପୃକ୍ତ ଜକର ଗ୍ରାମର ଚୂଡ଼ାମଣି ବିଷୋୟୀଙ୍କୁ ଗିରଫ କରି ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଥିବା ଜଣାପଡିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଏହି ମାମଲାରେ ସାମିଲ ଥିବା ଜକର ଗ୍ରାମର ଜଣେ ନାବାଳକଙ୍କୁ ପୋଲିସ ବ୍ରହ୍ମପୁର ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିବା ପରେ ତାଙ୍କୁ ବ୍ରହ୍ମପୁର ବାଳ ସୁଧାରଗୃହକୁ ପଠାଇ ଦିଆଯାଇଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଲୁଟ୍ ହୋଇଥିବା ୨ଟି ସୁନା କାନଫୁଲ ଏବଂ ୨ ଟି ସୁନା ମୁଦି ଜବତ କରିଛି।

# ୧୧୦ କେଜି ଗଞ୍ଜେଇ ଜବତ, ୪ ଗିରଫ



ଗିରଫ ଅଭିଯୁକ୍ତ ।

ମାଲକାନଗିରି,୨୫।୬(ଦୁର୍ଯ୍ୟୋଧନ ପାତ୍ର)

ପିକ୍‌ଅପ୍ ଭ୍ୟାନ୍‌ରେ ଗଞ୍ଜେଇ ଚାଲାଣ ବେଳେ ୧୧୦କେଜି ଗଞ୍ଜେଇ, ୪୮ହଜାର ଟଙ୍କା ସହ ୪ ଚାଲାଣକାରୀ ମାଲକାନଗିରି ପୋଲିସ ଦ୍ୱାରା ମଙ୍ଗଳବାର ଗିରଫ ହୋଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ପୋଲିସ ପକ୍ଷରୁ ଏକ ଟିମ୍ ପାଟ୍ରୋଲିଂ ବେଳେ ଜିଲା ସଦର ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ପନିପରିବା ରଖିବା ଟ୍ରେ ବୋଝେଇ କରି ଦ୍ରୁତଗତିରେ ଯାଉଥିଲା। ସମ୍ମୁଖରେ ଏକ ବାଇକ୍ ମଧ୍ୟ ଦ୍ରୁତଗତିରେ ଯାଉଥିବା ଦେଖି ସନ୍ଦେହ ହେବାରୁ ଭ୍ୟାନ୍ ଓ ମୋଟର ସାଇକେଲକୁ ପୋଲିସ ଅଟକାଇଥିଲା। ତେବେ ପୋଲିସ ଟିମ୍ ଭ୍ୟାନ୍‌ଟିକୁ ଯାଞ୍ଚ କରିବା ବେଳେ ଏହି ଖାଲି ପନିପରିବା ଟ୍ରେ ତଳେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ଦେଖିବାକୁ ପାଇଥିଲେ। ପୋଲିସ ଉକ୍ତ ଗଞ୍ଜେଇ, ପିକ୍‌ଅପ୍ ଓ ବାଇକ୍‌କୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଥିଲା। ଗିରଫଙ୍କ ନିକଟରୁ ପୋଲିସ ଚାରିଟି ମୋବାଇଲ୍ ଫୋନ୍, ୪୮ହଜାର ଟଙ୍କା ମଧ୍ୟ କରିଛି । ଜବତ ଗଞ୍ଜେଇ ୧୧୦ କେଜି ଥିବା ଜଣାପଡିଛି। ତେବେ ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଦୁଇଜଣ ଜିଲା ସଦରର ହୋଇଥିବା ବେଳେ ୨ ଜଣ କର୍ଣାଟକ ଅଞ୍ଚଳର ବୋଲି ଜଣାପଡିଛି। ସମ୍ପୃକ୍ତ ୪ ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୫।୬(ପ୍ରଶାନ୍ତ କୁମାର ମିଶ୍ର)

କୋଦଳା ଥାନା ଖଲ୍ଲିକୋଟ ବ୍ଲକ କଞ୍ଚଣା ପଞ୍ଚାୟତର ରାଣୀପଡ଼ା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଞ୍ଚଣା ଗ୍ରାମର ଶଙ୍କର ଦାସ (୨୪)। ଶଙ୍କର ଗାଁ ନିକଟ ରାସ୍ତାରେ ଯାଉଥିବା ବେଳେ ହଠାତ ବଜ୍ରପାତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଖଲ୍ଲିକୋଟ ମେଡିକାଲକୁ ନିଆଯାଇଥିଲା। ସେଠାରେ ଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଜବରଦଖଲ କରୁଥିବା ମଶାଣିକୁ ତାରବାଡ଼ ବୁଲାଇଲେ ଗ୍ରାମବାସୀ

ମାଲକାନଗିରି,୨୫।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଏମ୍‌ଭି ୧୭ ଗ୍ରାମରେ ଦୀର୍ଘ ବର୍ଷ ଧରି ରାଧାନାଥପୁର ଗାଁ ମଶାଣିକୁ ଲୋକେ ମୃତଦେହ ସଂସ୍କାର ପାଇଁ ବ୍ୟବହାରକରି ଆସୁଥିବା ବେଳେ ଏହାକୁ କେତେଜଣ ବ୍ୟକ୍ତି ଜବରଦଖଲ କରୁଥିବାରୁ ଗ୍ରାମବାସୀ ଏହାକୁ ବିରୋଧକରି ତାର ବାଡ଼ ବୁଲାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଏମ୍‌ଭି ୧୭ ଗ୍ରାମ ଲୋକେ ରାଧାନାଥପୁର ଗାଁ ମଶାଣିରେ ମୃତଦେହ ସଂସ୍କାର କରିଆସୁଛନ୍ତି । କିନ୍ତୁ ଶ୍ୟାମଳ କୀର୍ତ୍ତନିଆ ଏବଂ ତାଙ୍କ ସମ୍ପର୍କୀୟ ସୁଷେନ୍ ବୋଷ ହଠାତ ଦିନେ ମଶାଣିକୁ ଜେସିବି ଲଗେଇ ସଫା କରିଦେଇଥିଲେ। ତେବେ ଏହି ସମୟରେ ଗ୍ରାମ ପଲ୍ଲୀ ମଙ୍ଗଳ କମିଟି ସଦସ୍ୟ ତଥା ଅନ୍ୟ ଲୋକମାନେ ଏହାକୁ ବିରୋଧ କରିଥିଲେ। ଶ୍ୟାମଳ କୀର୍ତ୍ତନିଆ କହିଥିଲେ, ରାଜସ୍ୱ ନିରୀକ୍ଷକ ଆମକୁ ଏହି ଜମି ଦେଖେଇ ଦେଇଛନ୍ତି। ତେଣୁ ଏହାକୁ ଆମେ ସଫା କରୁଛୁ । ଏଠାରେ ଭଲି ଖେଳିବା ପାଇଁ ଖେଳ ପଡ଼ିଆ ତିଆରି ହେବ ଓ ଲାଇଟ ଲାଗିବ ଲୋକ ଏଠାକୁ ଆସି ବୁଲାବୁଲି କରିପାରିବେ ବୋଲି କହିଥିଲେ। ତେବେ ଏହା ହେଲେ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ପାଇଁ ଉତ୍ତମ ସ୍ଥାନଟିଏ ମିଳିବ ଭାବି ଅନ୍ୟମାନେ ନୀରବ ରହିଥିଲେ। କିନ୍ତୁ ଏହାର କିଛିଦିନ ପରେ ଗାଁ ଲୋକେ ଶ୍ୟାମଳ କୀର୍ତ୍ତନିଆଙ୍କୁ ଏହି ଖେଳ ପଡିଆ ହେବାକୁ ଥିବା ସ୍ଥାନ ନିରୂପଣ ପାଇଁ କହିବାରୁ ସେ ଲୋକଙ୍କୁ ୧୫ଦିନ ସମୟ ମାଗିଥିଲେ। କିନ୍ତୁ ୨ମାସରୁ ଉର୍ଦ୍ଧ୍ୱ ସମୟ ବିତିବା ସତ୍ତ୍ୱେ ଶ୍ୟାମଳ ଲୁଚି ଲୁଚି ଉକ୍ତ ଜମି ଅନ୍ୟ ଲୋକଙ୍କ ପାଖରେ ବିକ୍ରି କରିବାର ସୂଚନା ଗାଁ ଲୋକଙ୍କ ପାଖରେ ପହଞ୍ଚିବାରୁ ଗ୍ରାମବାସୀ ଏକାଠି ହୋଇ ବୈଠକ କରିଥିଲେ। ଗ୍ରାମର ପ୍ରତି ପରିବାରରୁ ଜଣେ ଜଣେ ବ୍ୟକ୍ତି ଗାଁ ମଶାଣିର ସୁରକ୍ଷା ପାଇଁ ମଶାଣିକୁ ଯାଇ ସେଠାରେ ତାରବାଡ଼ ବୁଲାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଆଧାରରେ ଆଜି ଶତାଧିକ ସ୍ଥାନୀୟ ଲୋକ ନିଜ ଖର୍ଚ୍ଚରେ ଗ୍ରାମର ଏହି ମଶାଣି ଜାଗାରେ ତାରବାଡ଼ ବୁଲାଇଛନ୍ତି ।



ତାରବାଡ଼ ବୁଲାଇବାକୁ ଆସିଥିବା ଗ୍ରାମବାସୀ।

# ଭୁବନପଲ୍ଲୀ- କୁନାନପଲ୍ଲୀ ରାସ୍ତା କାମ ନିମ୍ନମାନର

**ମେଟାଲ୍‌କୁ ନେଇ ପ୍ରଶ୍ନ ଉଠାଇଲେ ଗ୍ରାମବାସୀ**

ଏମ୍‌ଭି ୭୯,୨୫।୬(ଭିକି ବାରିକ)

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଭୁବନପଲ୍ଲୀ ପାଞ୍ଚୟତ ଭୁବନପଲ୍ଲୀ ମୁଖ୍ୟ ରାସ୍ତାଠାରୁ କୁନାନପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କାମ ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାୟ ୭. ୫୦୦ କି.ମି.ରାସ୍ତାର ଅଟକଳ ମୂଲ୍ୟ ୬, ୧୧, ୯୮, ୧୮୯ ଟଙ୍କାର ଟେଣ୍ଡର ହୋଇଛି। ଏହାକୁ ଛତିଶଗଡ଼ ସୁକ୍‌ମା ଗାଁର ଏଜେନ୍‌ସି -ଶେଖ ଝାକିର ହୁସେନ ନାମକ ଠିକା କମ୍ପାନୀ ଦ୍ୱାରା କାମ କରାଯାଉଥିବା ଫଳକରେ ଦର୍ଶାଯାଇଛି। ଉକ୍ତ ନିର୍ମାଣ କାମ ନିମ୍ନମାନର କରାଯାଉଥିବା ନେଇ ସମ୍ପୃକ୍ତ ଭୁବନପଲ୍ଲୀ ସରପଞ୍ଚ ପୁଷ୍ପାଞ୍ଜଳି ମାଡକାମୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଷ୍ଟିମେଟ ହିସାବରେ କାମ କରିବା ପରିବର୍ତ୍ତେ ନିମ୍ନମାନର କାମ କରାଯାଉଥିବା ଅଭିଯୋଗ ହୋଇଛି ।

ନିର୍ମାଣର ଅଳ୍ପଦିନରେ ସମ୍ପୂର୍ଣ୍ଣ ରାସ୍ତା ନଷ୍ଟ ହୋଇଯିବ ବୋଲି ଗ୍ରାମବାସୀ ଏଜେନ୍‌ସି ଶେଖ ଝାକିର ହୁସେନ ଠିକାଦାରଙ୍କୁ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଅସ୍ମିତ ଦୃଆଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କ ସମେତ ଗ୍ରାମର କୁଞ୍ଜି ରାଜା, ଇର୍ମା କୁଞ୍ଜି, କୈଳାସ ମାଡକାମୀ, ସୁବାସ ମାଢି, କାନା ମାଡକାମୀ, କାମା ମାଡକାମୀ ଓ ମହେନ୍ଦ୍ର ମାଡକାମୀ ପ୍ରମୁଖ ବାରମ୍ବାର ନିମ୍ନମାନର ରାସ୍ତା କାମ ନ କରିବା ପାଇଁ ଓ ବର୍ତ୍ତମାନ ଉକ୍ତ ରାସ୍ତାରେ ବିଛା ହୋଇଥିବା ଧଳା ହାତ ଭଙ୍ଗା ମୂର୍ଯ୍ୟ, ଚୂନ ପଥରର ମେଟାଲ ବାହାରକରି ଭଲ ଗ୍ରାନାଇଟ ମେଟାଲ ବ୍ୟବହାର କରି ନିର୍ମାଣ ନିର୍ମାଣ କରିବା ପାଇଁ କହିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି।



ରାସ୍ତା ନିର୍ମାଣରେ ବ୍ୟବହାର ହୋଇଥିବା ନିମ୍ନମାନର ମେଟାଲ ।

ନିମ୍ନମାନର ହାତ ଭଙ୍ଗା ଧଳା ଚୂନ ପଥରର ମେଟାଲ ବିଛେଇ ନିମ୍ନମାନର ରାସ୍ତା କାମ କରିଚାଲିଛନ୍ତି ଠିକାଦାର। ଅନ୍ୟପଟେ ଏହି ଠିକାଦାରରେ ନିୟଜିତ ଥୁବା ପେଟି କଣ୍ଟ୍ରାକ୍ଟର ଶେଖ ଆରିଫଙ୍କୁ ନିମ୍ନମାନର ମେଟାଲ ସମ୍ପର୍କରେ ପଚାରିବାରୁ ଆପଣଙ୍କ ଅଞ୍ଚଳରେ ଯେତିକି ରାସ୍ତା ନିର୍ମାଣ ହୋଇଛି ଏହି ଭଳି ହାତ ଭଙ୍ଗା ମେଟାଲରେ ହୋଇଛି । ହେଲେ ଆମେ ଏହି ହାତ ଭଙ୍ଗା ମେଟାଲ ବ୍ୟବହାର କଲେ କ'ଣ ଅସୁବିଧା ହେଲା ବୋଲି କହିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଅସ୍ମିତ ଦୃଆଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ହାତ ଭଙ୍ଗା ଟାଣୁଆ, ଶକ୍ତ ଗ୍ରାନାଇଟ ମେଟାଲ ସହିତ କ୍ରଶର ମେଟାଲ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ ।

**ସଂକ୍ଷେପରେ**

## କୋରାପୁଟ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୨୫।୬(ଅମିତାଭ ବେହେରା)

କୋରାପୁଟ ବ୍ଲକ ପ୍ରଶାସନ ପକ୍ଷରୁ କୋରାପୁଟ ବିଧାୟକ ରଘୁରାମ ମାଛଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଦେବାଶିଷ ଗୌଡ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ନିର୍ବାହୀ ଯନ୍ତ୍ରୀ ତୃଷାରକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ବିଧାୟକ ମାଛଙ୍କୁ ପୁଷ୍ପଗୁଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ମାଛ ରାଜ୍ୟରେ ବର୍ତ୍ତମାନ ଲୋକଙ୍କ ସରକାର ଆସିଛି। ଲୋକଙ୍କର ବିକାଶ କରିବା ସହ ସେମାନଙ୍କ ମୌଳିକ ଅଧିକାର ପ୍ରତି ଧ୍ୟାନ ଦେବାକୁ ସେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ବ୍ଲକ ଏପିଓ ସନ୍ତୋଷୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କାଗଜକଳ ଅବସରପ୍ରାପ୍ତ ଶ୍ରମିକ, ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ନେଇ ବୈଠକ

ଜୟପୁର,୨୫।୬(ପବନ ପାଣିଗ୍ରାହୀ)

ଯାଦବ ଭବନଠାରେ ମଙ୍ଗଳବାର ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ଏବଂ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ବୈଠକ ବିଏମ୍ଏସ୍‌ର ପ୍ରାକ୍ତନ ସଭାପତି ବାଳକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ଶ୍ରମିକମାନଙ୍କ ଆବାହକ ପ୍ରମୋଦ ମହାନ୍ତି କହିଥିଲେ, ଦୀର୍ଘ ପାଞ୍ଚ ବର୍ଷ ହେଲା ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ପିଏଫ୍, ପେନସନ ଓ ଗ୍ରାଚ୍ୟୁଇଟିରୁ ଏଯାଏ ବଞ୍ଚିତ ହୋଇ ରହିଛନ୍ତି। ୨୦୧୮ରୁ ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କ ଗ୍ରାଚ୍ୟୁଇଟି, ବକେୟା ପାଉଣା ପାଇନାହାନ୍ତି। ଏଥିପାଇଁ ଅନେକ ଥର ଆନ୍ଦୋଳନ ହୋଇଛି। ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି, ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଛି। ଶ୍ରମ ବିଭାଗ ଏଥିରେ ହସ୍ତକ୍ଷେପ କରିଛନ୍ତି ମାତ୍ର କୌଣସି ସମସ୍ୟାର ସ୍ଥାୟୀ ସମାଧାନ ଏଯାଏ ହୋଇପାରିନାହିଁ। ଆଜିଯାଏ କାଗଜକଳ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ଚାଲିନାହିଁ। କାର୍ଯ୍ୟରତ ଶ୍ରମିକଙ୍କୁ ୪/୫ ମାସରେ ଥରେ ଦରମା ମିଳୁଛି। ସମସ୍ତ ବିଷୟ ନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ଶ୍ରମ ମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ଜୁଲାଇ ୧ରୁ କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ପ୍ରତ୍ୟେହ ଦୁଇ ଜଣ ଅବସରପ୍ରାପ୍ତ ଶ୍ରମିକ ମୁହଁରେ କଳା ପଟି ବାନ୍ଧି ହାତରେ ପ୍ଲାକାର୍ଡ ଧରି ଧାରଣାରେ ବସିବେ ବୋଲି ଆଲୋଚନା ବେଳେ ସହମତି ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ବେହେରା, ସୁଦର୍ଶନ ବିଷୋୟୀ, ପ୍ରହଲ୍ଲାଦ ମଲ୍ଲିକ, ସୁବାଷ ବେହେରା, ୟୁନିୟନ ସମ୍ପାଦକ ଅଲେଖ ପାତ୍ର, ନରସିଂହ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଡିପି ଅଗସ୍ତି ଧନ୍ୟବାଦ ଦେଇଥିଲେ।

# ସାହିତ୍ୟ, କଳା ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱ

**ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ**

ସୁନାବେଡା,୨୫।୬(କୃତ୍ତିବାସ ପ୍ରଧାନ)



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ନନ୍ଦପୁର ବ୍ଲକ୍‌ରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ସୀମାଦ୍ରି ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ରାଜେନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବକୁ କୋରାପୁଟ ସରକାରୀ ମହାବିଦ୍ୟାୟର ପ୍ରଫେସର କାମାକ୍ଷୀ ପ୍ରସାଦ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ବିଭାଗ ସହକାରୀ ନିର୍ଦ୍ଦେଶକ ତଥା ଶ୍ରୀମନ୍ଦିର ସହ ପ୍ରଶାସକ ସନ୍ତୋଷ ଶତପଥୀ, ବକ୍ତା ଭାବେ ପ୍ରଫେସର ବିଜୟଲକ୍ଷ୍ମୀ ଦାସ, ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ରବି ଶତପଥୀ, ଗାୟକ ଗୌରବ ରଜନୀକାନ୍ତ ପୃଷ୍ଟି, ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ, ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏସ୍‌ଡିପିଓ ସମ୍ବିତ ମାଝି, କବି ସବିତା ଶତପଥୀ, ଆଇନଜୀବୀ ହରିଶ୍ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଅଧିବେଶନରେ ୧୫ ଜିଲାରୁ ଆସିଥିବା କବି କବୟିତ୍ରୀମାନେ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଂସଦର ଆଭିମୁଖ୍ୟ, ଭାଷା ସାହିତ୍ୟର ସୁରକ୍ଷା, ନିଶା ନିବାରଣ, କଳା ସଂସ୍କୃତିର ସୁରକ୍ଷା ଉପରେ ଆଲୋଚନାକରି ଅତିଥିମାନେ ନିଜ ମତ ରଖିଥିଲେ। ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା ବିବରଣୀ ପାଠ କରିଥିଲେ। ଏହି ଅବସରରେ ବୈଶାଖୀର ଅଷ୍ଟମ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ତୃତୀୟ ଅଧିବେଶନରେ ୭୮ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରହଲାଦ ବେହେରାଙ୍କୁ ବୈଶାଖୀ ସାହିତ୍ୟ ସମ୍ମାନ, ନନ୍ଦପୁର ଆର୍‌ବିଏସ୍‌କେ (ଆୟୁର୍ବେଦିକ) ଡାକ୍ତର ବିଶ୍ୱନାଥ ସାହୁଙ୍କୁ ବୈଶାଖୀ କବିରାଜ ସମ୍ମାନ ପ୍ରଦାନ କରାଯାଇଛି। ଅନ୍ୟ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ହେଲେ ଗୋପାଳକୃଷ୍ଣ ବେବର୍ତ୍ତା ଜଗନ୍ନାଥ ପାଙ୍ଗୀ, ପ୍ରଭାତ ଗୁରୁମାଇ, ବିଶ୍ୱନାଥ ଶିଶା, ପୂର୍ଣ୍ଣଚନ୍ଦ୍ର ପାଙ୍ଗୀ, ଗୋପାଳ ମାଟାମ ଓ ଶଶିଭୂଷଣ ପାତ୍ରଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ବ୍ଲକ୍‌ର ଶ୍ରେଷ୍ଠ ଶିକ୍ଷକ ଭାବେ ସଞ୍ଜୀବ ମହାନ୍ତି, ଶ୍ରେଷ୍ଠ ପିଇଓ ଉଷାରାଣୀ ନାୟାର, କୃଷି ଅଧିକାରୀ ଭାବେ ଜୟଲତା ମାଝି, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ସୁକାନ୍ତି ହିଆଲ ଶ୍ରେଷ୍ଠ ଆଶାକର୍ମୀ ନମିତା ସିଂଙ୍କୁ ସମ୍ମାନିତ କରାଯାଇଥିଲା। ଭୈରବ ମହାନ୍ତି ସମ୍ମାନରେ କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ଚନ୍ଦ୍ରଶେଖର ପଟ୍ଟନାୟକ ସମ୍ମାନିତ ହୋଇଥିଲେ। ବ୍ଲକ୍ ସ୍ତରରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୨୧ ଜଣ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ନାରାୟଣ ଭୂୟାଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ଜିପିଓ ବେଦାନ୍ତ ମାଝି, ପ୍ରଧାନ ଶିକ୍ଷୟିତ୍ରୀ ଆଞ୍ଜୁଲତା ଗରଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଟୁନେସ ପାତ୍ର, ଉପସଭାପତି ଶତ୍ରୁଘ୍ନ ହିକାବାଡି, ପଣ୍ଡିତ ନାରାୟଣ ଶତପଥୀ, ସହ ସମ୍ପାଦିକା ଲକ୍ଷ୍ମୀପ୍ରିୟା ପଣ୍ଡା, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ତ୍ରିନାଥ ଖରା, ନିହାର ରଞ୍ଜନ ସାହୁ, ବିରଞ୍ଚି ନାରାୟଣ ପଣ୍ଡା ସଂଯୋଜକ ଗୋପାଳ ମହାନ୍ତି, ସାଂସ୍କୃତିକ ସମ୍ପାଦିକା କୁନ୍ତୀ ମାଝି,ଆବାହକ ଭଗବାନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡିପ୍‌ଥେରିଆ ରୋଗର ନିରାକରଣ ସଚେତନତା ଶିବିର

ଜୟପୁର, ୨୫।୬ (ପବନ ପାଣିଗ୍ରାହୀ)

ଜୟପୁର ଟାଉନ ହଲଠାରେ ମଙ୍ଗଳବାର ଡିପ୍‌ଥେରିଆ ରୋଗର ନିରାକରଣ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପୌର ପରିଷଦ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ଡିପଥେରିଆ ରୋଗ କଣ, କିପରି ବ୍ୟାପୁଛି,ସଂକ୍ରମଣକୁ କିପରି ରୋକାଯାଇପାରିବ, କଣ କଲେ ନିରାକରଣ ହୋଇପାରିବ ସେ ନେଇ ସଚେତନ କରାଯାଇଥିଲା। ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ଅରୁଣ ପାଢୀ, ଡାକ୍ତର ସିଦ୍ଧାନ୍ତ ନାୟକ, ଡାକ୍ତର ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏହି ରୋଗ ସମ୍ପର୍କରେ ସଚେତନ କରିଥିଲେ। କାଯ୍ୟକ୍ରମକୁ ସୁପରଭାଇଜର ସତ୍ୟ ନାରାୟଣ ପାତ୍ର ପରିଚାଳନା କରଥିଲେ।




ଶିବିରରେ ମଞ୍ଚାସୀନ ଅତିଥି ।

# ବିଧାୟକ ପବିତ୍ର ସାଉଁନ୍ତାଙ୍କୁ ସମ୍ବର୍ଦ୍ଧନା

ଲକ୍ଷ୍ମୀପୁର,୨୫।୬(ଅନନ୍ତ ନାୟକ)

ନବ ନିର୍ବାଚିତ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କୁ ଲକ୍ଷ୍ମୀପୁରରେ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଲକ୍ଷ୍ମୀପୁର ଘଡ଼ାବନ୍ଧ ତୋଟାଠାରେ ଶତାଧିକ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ଢେମସା ନୃତ୍ୟ ବାଜାରେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ସମୟରେ ଜନସାଧାରଣ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଧାକ ସାଉଁନ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କଲେଜ ଷ୍ଟାଡିୟମଠାରେ ଏକ ସାଧାରଣ ସଭା ହୋଇଥିଲା। କାର୍ଯ୍ୟକ୍ରମରେ ଦଶମନ୍ତପୁର ବ୍ଲକ୍ ସଭାପତି ବେଣୁଧର ପାତ୍ର, ଲକ୍ଷ୍ମୀପୁର ବ୍ଲକ ସଭାପତି କୈଳାସ ଖସ୍ଲା, ନାରାୟଣପାଟଣା ବ୍ଲକ୍ ସଭାପତି ବିଭୀଷଣ ମହାନନ୍ଦିଆ, ବନ୍ଧୁଗାଁ ବ୍ଲକ ସଭାପତି ଡି. ଏଙ୍କେଙ୍ଗି, ଯୁବ କଂଗ୍ରେସ ସଭାପତି ମୋନ୍ତି ଖରା, ପର୍ଯ୍ୟବେକ୍ଷକ ଜଗଦିଶ ଖସ୍ଲା ପ୍ରମୁଖ ଯୋଗଦେଇଥିଲେ।



ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ବିଧାୟକ।

# ଦ୍ୱିତୀୟ ଦିନ ଅପରାହ୍ନ ୨ଟାରେ ରଥଟଣା



ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଜୟପୁର, ୨୫।୬(ପବନ ପାଣିଗ୍ରାହୀ)

**ଜୟପୁର ଐତିହାସିକ ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ**

- ଯାତ୍ରା ଦିନ ମଦ ବିକ୍ରି ବନ୍ଦ, ଅଶ୍ଳୀଳ ଗୀତ ବନ୍ଦ
- ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ
- ଗୁଣ୍ଡିଚା ମନ୍ଦିର ମରାମତି ନିର୍ଦ୍ଦେଶ ଦେଲେ ବିଧାୟକ

ଜୟପୁରର ଐତିହାସିକ ରଥ ଯାତ୍ରା ନେଇ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପୌରପରିଷଦ ସଭା ଗୃହରେ ହୋଇଥିବା ବୈଠକରେ ଉପ ଜିଲାପାଳ ପ୍ରଭାତ ପରିଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିଲେ। ରାଜ୍ୟର ସବୁଠାରେ ଜୁଲାଇ ୭ରେ ରଥଯାତ୍ରା ହୋଉଥିବା ବେଳେ ଜୟପୁରରେ ପ୍ରଥମ ଦିନ ୭ରେ ପହଣ୍ଡି ହୋଇ ତିନିଠାକୁର ରଥାରୁଢ ହେବେ। ଦ୍ୱିତୀୟ ଦିନ ୮ରେ ଅପରାହ୍ନ ୨ଟାରେ ରଥ ଟଣା ହେବ । ରଥରେ ୨୫ରୁ ଅଧିକ ସେବାୟତ ରଥ ଉପରେ ଚଢିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ରଥରେ ଅଶ୍ଳିଳ ଗୀତ ବନ୍ଦ ହୋଇଥିବା ବେଳେ ରଥ ଯାତ୍ରା ଦିନ ଓ ବାହୁଡା ଦିନ ମଦ ବିକ୍ରି ବନ୍ଦ ରହିବ। ଶାନ୍ତି ଶୃଙ୍ଖଳାରେ ରଥ ଯାତ୍ରା ପାଇଁ ଟ୍ରାଫିକ ବ୍ୟବସ୍ଥାକୁ କଡା କଡି କରାଯିବ। ୫ ପ୍ଲାଟୁନ ପୋଲିସ କର୍ମଚାରୀ ନିଯୁକ୍ତ ରହିବେ । ପକେଟ ମାର ପ୍ରତି ସଜାଗ ରହିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ସୁରକ୍ଷା, ବିଦ୍ୟୁତକରଣ, ପାନୀୟ ଜଳ ବ୍ୟବସ୍ଥା,ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସ୍ୱେଚ୍ଛାକୃତ ସେବା ଉପରେ ଆଲୋଚନା ହୋଇଥିଲା। ଭୋଗ ପିଛା ଏକ ଶହ ଟଙ୍କା ସ୍ଥିର କରାଯାଇଛି । ପ୍ରତ୍ୟେହ ରଥ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଜୟପୁର ବାଙ୍ଗମଠରେ ହେଉଥିବା ଗୁଣ୍ଡିଚା ମନ୍ଦିରକୁ ମରାମତି କରିବା ପାଇଁ ବିଧାୟକ ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ପୌର ପାଳିକାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜୟପୁର ତହସିଲଦାର ତଥା ଦେବୋତ୍ତର ଅଧିକାରୀ ମୋନାଲିସା ଆଚାର୍ଯ୍ୟ, ଏସଡିପିଓ ଅଙ୍କିତ ବର୍ମା, ବିଡିଓ ଶକ୍ତି ମହାପାତ୍ର, ପୌର ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ପୌର ଉପାଧ୍ୟକ୍ଷ ବି. ସୁନିତା, ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଏସଡିପିଆରଓ ଯୋଶଦା ଗାଦବାଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## କୋରାପୁଟ ଏମ୍‌ପି ପାଲାମେଣ୍ଟରେ ନେଲେ ଶପଥ

ଜୟପୁର, ୨୫।୬ପବନ ପାଣିଗ୍ରାହୀ)

କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲକା ମଙ୍ଗଳବାର ପାଲାମେଣ୍ଟରେ ଶପଥ ନେଇଛନ୍ତି । ଏନେଇ ସେ ଅପରାହ୍ନ ସାଢେ ୩ଟାରେ ଗ୍ରୁପରେ ସୂଚନା ଦେଇଛନ୍ତି । ସପ୍ତଗିରି ଓଡିଆରେ ଶପଥ ନେଇଥିବା ଜଣାପଡିଛି।

# ମହୁମାଛି ଆକ୍ରମଣରେ ଅଜା ମୃତ, ନାତି ଗୁରୁତର

କୋରାପୁଟ /ଲମତାପୁଟ ,୨୫/୬ (ଅମିତାଭ ବେହେରା/ଭକ୍ତରାମ ବାଙ୍କିଆ)

ଛେଳି ଚରାଇବାକୁ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ମହୁମାଛି ଆକ୍ରମରେ ଜଣେ ବ୍ୟକ୍ତିଙ୍କ ସୋମବାର ରାତିରେ ମୃତ୍ୟୁ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମାଛକୁଣ୍ଡ ଥାନା ଅଧୀନ ବାରଙ୍ଗବାଡି ଗ୍ରାମର ଶୁକ୍ରୁ ପ୍ରଧାନୀ। ଗୁରୁତର ଜଣକ ହେଲେ ଚିନୁ। ଚିନୁ ହେଉଛନ୍ତି ଶୁକ୍ରୁଙ୍କ ନାତି। ସବୁଦିନ ପରି ଅଜାନାତି ଉଭୟେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ସୋମବାର ଛେଳି ଚୋରେଇବାକୁ ଯାଇଥିଲେ। ଛେଳି ଚରାଉଥିବା ବେଳେ ଅପରାହ୍ନରେ ଉଭୟଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଉଭୟେ ଆହତ ଅବସ୍ଥାରେ ଛେଳି ଧରି ହୋଇ ଘରକୁ ଫେରି ଆସିଥିଲେ। ତେବେ ଶୁକ୍ରୁ ରାତିରେ ଗୁରୁତର ହୋଇପଡିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଆହତ ହୋଇଥିବା ଚିନୁ ଏବେ ଚିକିତ୍ସିତ ହେଉଥିବା ଜଣାପଡିଛି। ମହୁମାଛି ଆକ୍ରମଣ ତାଙ୍କ ମୁହଁ ଫୁଲିଯାଇଛି।

# ୩ କି.ମି. ବୁହାହୋଇ କୋରାପୁଟ ଡାକ୍ତରଖାନା ଗଲେ ରୋଗୀ

ଦଶମନ୍ତପୁର,୨୫।୬(ଅରବିନ୍ଦ ନାୟକ)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଡଙ୍ଗାସିଲ ପଞ୍ଚାୟତ ଅଧୀନରେ ଥିବା ଶିଶପାସ ଗ୍ରାମର ଜଣେ ରୋଗୀଙ୍କୁ ଗ୍ରାମବାସୀ ୩ କି.ମି. ଦୂର ବୋହି ଆଣି କୋରାପୁଟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେ ହେଲେ ନିତ୍ୟାନନ୍ଦ ସାହୁ(୭୫)। ସ୍ତ୍ରୀ ଟୋବା ସାହୁଙ୍କ କହିବାନୁଯାୟୀ, ନିତ୍ୟାନନ୍ଦ କିଛିଦିନ ହେବ ଜ୍ୱରରେ ପୀଡ଼ିତ ଥିଲେ। ଏବେ ତାଙ୍କର ପେଟ ଯନ୍ତ୍ରଣା ହେବାରୁ ସେ ବହୁ କଷ୍ଟ ପାଉଥିଲେ। ଗ୍ରାମର ଆଦିତ୍ୟ ସାହୁ, ଚକିତ ସାହୁଙ୍କ ସମେତ ଗ୍ରାମବାସୀ ତାଙ୍କୁ ପୋଡ଼ାଗଡ଼ ନଦୀ ପାରକରାଇ ୩ କି.ମି. ଦୂର ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତର ରହିଆମ୍ବ ଛକ ଯାଏ ବୋହି ଆଣି ସେଠାରୁ ଏକ ଅଟୋ ଯୋଗେ ଦଶମନ୍ତପୁର ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ନିତ୍ୟାନନ୍ଦଙ୍କୁ କୋରାପୁଟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ପୋଡ଼ନଦୀ ଉପରେ ଏକ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପୋଲ ନିର୍ମାଣ ନ ହେଲେ ଆମେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି।



ନିତ୍ୟାନନ୍ଦଙ୍କୁ ଗ୍ରାମବାସୀ ପୋଡ଼ାଗଡ଼ ନଦୀ ପାରକରାଇ ନେଉଛନ୍ତି।

# ୨୨ ଘଣ୍ଟା ପରେ ହେଲା ମୃତଦେହ ବ୍ୟବଚ୍ଛେଦ

କୋରାପୁଟ/ଲମତାପୁଟ,୨୫।୬ (ଅମିତାଭ ବେହେରା/ଭକ୍ତରାମ ବାଙ୍କିଆ)

- ଟିପ୍ପର ତଳେ ପଡି ଯୁବକଙ୍କ ମୃତ୍ୟୁ ଘଟଣା
- ନନ୍ଦପୁର ଥାନାରେ ପରିବାର ଲୋକଙ୍କ ଅସହଯୋଗ
- ୨୨ଘଣ୍ଟା ପରେ ହେଲା ଶବ ବ୍ୟବଚ୍ଛେଦ

ଟିପ୍ପର ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଯୋଗୁ ସୋମବାର ଟିପ୍ପର ଚକା ତଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟ ହୋଇଥିଲା। ଘଟଣାସ୍ଥଳରେ ଟିପ୍ପର ଛାଡି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବାଇକ୍‌ରେ ଥିବା ମୃତ ଯୁବକଙ୍କ ସାଙ୍ଗ ମଧ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ମୃତଦେହ ବ୍ୟବଚ୍ଛେଦ ନ କରିବାକୁ ଜିଦି ଧରିଥିବା ପରିବାର ଲୋକଙ୍କୁ ବୁଝାଶୁଝା ପରେ ଦୀର୍ଘ ୨୨ଘଣ୍ଟା ପରେ ମୃତ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପୋଲିସର ଅସହଯୋଗକୁ ନେଇ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିଛି ସମୟ ଚାପା ଉତ୍ତେଜନା ଦେଖାଯାଇଥିଲା। ପରିବାର ଲୋକେ ନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି, ସୋମବାର ସନ୍ଧ୍ୟାରେ ନନ୍ଦପୁର ଥାନା ଅନ୍ତର୍ଗତ ମାଳିପେଟା ଗ୍ରାମ ନିକଟ ମୁଖ୍ୟ ରାସ୍ତାରେ ଟିପ୍ପର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ମୁସିଲମୁଣ୍ଡା ଗ୍ରାମର ଜ୍ୟୋତିନ୍ଦ୍ର କୁଳଦୀପ ନାମକ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଜ୍ୟୋତିନ୍ଦ୍ରଙ୍କ ସାଙ୍ଗ ଆଶିଷ ଚେଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଅନକାଡେଲି ଗ୍ରାମରେ ଏକ କାର୍ଯ୍ୟ ସାରି ଉଭୟେ ମୁସଲିମୁଣ୍ଡାକୁ ଫେରୁଥିବା ସମୟରେ ଏପରି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ସମ୍ପର୍କରେ ଲମତାପୁଟ ଅଗ୍ନିଶମ ବିଭାଗ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଜ୍ୟୋତିନ୍ଦ୍ରଙ୍କୁ ଉଦ୍ଧାର କରି ଲମତାପୁଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜ୍ୟୋତିନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ରାଣୀତୋଟା ପୋଲିସ ବାଇକ୍ ଓ ଟିପ୍ପରପ୍‌କୁ ଜବତ କରିଛି। ନନ୍ଦପୁର ପୋଲିସ କ୍ଷତିଗ୍ରସ୍ତ ପରିବାରକୁ ଅସହଯୋଗ କରୁଥିବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଟିପ୍ପର ମାଲିକ ଘଟଣା ସ୍ଥଳକୁ ଆସି କ୍ଷତିପୂରଣ ଦେବାକୁ ପରିବାର ଲୋକେ ଦାବି କରି ମୃତଦେହ ବ୍ୟବଚ୍ଛେଦ ନ କରିବାକୁ ଜିଦ ଧରିଥିଲେ। ଦୀର୍ଘ ସମୟ ଧରି ଲମତାପୁଟ ଓ ନନ୍ଦପୁର ପୋଲିସ ବିଝାଶୁଝା କରିବା ପରେ ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ କରିବାକୁ ସହମତି ପ୍ରକାଶ କରିଥିଲେ। ଫଳରେ ଦୀର୍ଘ ୨୨ ଘଣ୍ଟା ପରେ ଜ୍ୟୋତିନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା।

# ଜିଲାରେ ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା ରୋକିବାକୁ କର୍ମଶାଳା

କୋରାପୁଟ,୨୫।୬ (ଅମିତାଭ ବେହେରା)

କୋରାପୁଟ ଜିଲା ଶ୍ରମ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଶିଶୁ ଶ୍ରମିକ ଉଚ୍ଛେଦ ଓ ଜିଲାର ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଏବଂ ଗ୍ୟାରେଜ ଆଦିରେ ନିୟୋଜିତ ଶିଶୁ ଶ୍ରମିକଙ୍କୁ ପ୍ରଦାନ କରାଯାଉଥିବା ନିର୍ଯାତନା ରୋକିବା ଲାଗି ମଙ୍ଗଳବାର ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉକ୍ତ କର୍ମଶାଳାରେ ଅତିରିକ୍ତ ଜିଲାପାଳ ଆଲୋମାନି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ରୂପେ ଜିଲା ଶ୍ରମ କମିଶନର ନରେନ୍ଦ୍ର ରାୟ ଉପସ୍ଥିତ ଥିଲେ। ଜିଲାରେ ଶିଶୁ ଶ୍ରମିକ ଉଚ୍ଛେଦ ଓ ବିଭିନ୍ନ କାରଖାନା, ଗ୍ୟାରେଜ ଓ ହୋଟେଲ ଆଦିରେ ବେଆଇନ ଭାବେ ନିୟୋଜିତ ହୋଇ ସେଠାରେ କାର୍ଯ୍ୟ କରୁଥିବା ଶିଶୁ ଶ୍ରମିକ ନିର୍ଯାତନାର ଶିକାର ହେଉଛନ୍ତି। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଲାଗି ବିଭିନ୍ନ ସ୍ତରରେ ପଦକ୍ଷେପ ନିଆଯିବାକୁ ମୁଖ୍ୟ ଅତିଥି ଗୁରୁତ୍ୱାରୋପ କରିଥିଲେ। ଶିଶୁ ଶ୍ରମିକ ପାଇଁ ରହିଥିବା ବିଭିନ୍ନ ଆଇନକୁ କଡାକଡି କରିବା, ଏହି ଆଇନ ଉଲ୍ଲଂଘନ କରୁଥିବା ପ୍ରତିଷ୍ଠାନଗୁଡିକ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲା ଶ୍ରମ କମିଶନର ରାୟ କହିଥିଲେ। ବୈଠକରେ ଡିଏସପି ବିଜୟ ମୁର୍ମୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଗାୟତ୍ରୀ ପାତ୍ର, କୋରାପୁଟ ଶ୍ରମ ଅଧିକାରୀ ବୁଲୁ ଶ୍ରୀହରିଆ, ଶୋଭା ଅନୁଷ୍ଠାନର ପ୍ରତିନିଧି ବିଜୟ ପଟ୍ଟନାୟକ, ଜିଲାର କୋରାପୁଟ ଓ ଜୟପୁର ଚାମ୍ବର୍ସ ଅଫ କମର୍ସ , ମଜଦୁର ସଂଘ ପ୍ରତିନିଧି, କାଜୁ କାରଖାନା ମାଲିକ ମାନେ ଯୋଗଦେଇ ଶିଶୁ ଶ୍ରମିକ ଉଚ୍ଛେଦ ନେଇ ବ୍ୟାପକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବା ଉପରେ ନିଜ ମତ ରଖିଥିଲେ।



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

